
ସମଲପୁରୀ କାବ୍ୟ...
ହେମଚନ୍ଦ୍ର ଆଚାର୍ଯ୍ୟ

ସମଲ୍‌ପୁରୀ କାବ୍ୟ-

# ସତର୍ ସତୀ ବୃନ୍ଦାବତୀ

ହେମଚନ୍ଦ୍ର ଆଚାର୍ଯ୍ୟ

ଗର୍ଭଣା-୨୬୮୦୩୩

ସମଲ୍‌ପୁର ପ୍ରକାଶନ

ସମଲ୍‌ପୁର୍

ସମ୍ଲପୁରି କାବ୍ୟ—

# ସତର୍ ସତୀ ବୃନ୍ଦାବତୀ

*

ରଚନା :
ହେମଚନ୍ଦ୍ର ଆଚାର୍ଯ୍ୟ
ଗର୍ଭଣା-୭୬୮୦୩୩

*

ପ୍ରକାଶିକା :
ଅନ୍ନପୂର୍ଣ୍ଣା ମହାପାତ୍ର
ସମଲ୍ପୁରି ପ୍ରକାଶିନୀ
ସମଲ୍ପୁର୍

*

ପ୍ରଚ୍ଛଦପଟ :
ମନୋଜ ଚୌଧୁରୀ

*

ଦାମ୍ : ବାରଟଙ୍କା

*

ସତ୍ୟସାଇ ପ୍ରିଣ୍ଟର୍ସ, ସମଲ୍ପୁର୍ ନୁ ଶ୍ରୀମତି ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କର୍ ଦ୍ୱାରା ମୁଦ୍ରିତ ।

*Samalpuri Verse*

**Satar Sati Brundabati**

*

*by :*
*Hem Chandra Acharya*
*Garbhana-768033*

*

*Publisher :*
*Annapurna Mahapatra*
*Samalpuri Prakasini*
*Samalpur*

*

*

# ଦୁଇପଦ୍ କହେମି

ଆମେ ଯେନ୍ ଶବଦ୍‌ମାନ୍‌କୁଁ ନେଇ କଥାଭାଷା ହେଉଁ, ହେଥିଁ ଗୀତ୍ ବାଏଚ୍ ଭି ଅଏନ୍ ଲାଗ୍‌ସି । ଇ ଶବଦ୍‌ସବୁକେ ଆମେ ଭାଷା କି ବୁଲି ବଲ୍‌ସୁଁ ! ଆମର୍ ଇ ଭାଷା-କେ ସମଲ୍‌ପୁରୀ ବଏଲେଁ ଭି ଇ’ଟା ଶାସନ୍ କି ଭୁଗୋଲ୍‌ର ସୀମାରେଖା ନାଇଁମାନେ । ସମଲ୍‌ପୁର୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କଲାହାଣ୍ଡି, ବଉଦ୍-ଫୁଲ୍‌ବାନୀ ଜିଲା ମାନ୍‌କେ ତ ଇଟା କଥା ହେବାର୍ ଭାଷା ଆଏ । ମଧ୍ୟପ୍ରଦେଶର୍ ରାଏଗଡ଼୍, ରାଏପୁର୍, ଯଶ୍‌ପୁର୍, ବିଲାସ୍‌ପୁର୍ ଆର୍ ବସ୍ତର୍ ଆଦି ଜିଲାମାନ୍‌କେଁ ଓଡ଼ିଆ ବୁଲୁଥିବାର୍ ଲୁକେ ଇ ଭାଷା ଥିଁ କଥାଭାଷା ଦୁଃଖ୍‌ସୁଖ୍ ହେଉସନ୍ । ଅର୍ଥାତ୍ ଇ ଭାଷା ଥିଁ ଦୁଃଖ୍‌ସୁଖ୍ ହେବାର୍ ଲୋକ୍ ଅନ୍ତାଜିଆ ଦେଢ଼୍ ଦୁଇକୋଟି ଲୋକ୍‌ନୁ କମ୍ ନାଇଁ ହୁଅନ୍ । ଆମର୍ ଇ ଲୁକେ କହେସନ୍ ଯେ ଆମର୍ ଭାଷା ଥିଁ ଗୀତ୍ ଗାଏଲେଁ ହେନ୍ତା ମନ୍ ହଦ୍‌ମଦାସି, ଯେନ୍ତା ନାଚ୍ ନାଚ୍ ବାଗିର୍ ଲାଗ୍‌ସି ଓଡ଼ିଆ ଭାଷାର୍ ଗୀତ୍ କଥା ଥିଁ କେନ ହେନ୍ତା ଲାଗ୍‌ସି ? ଆମର୍ ଇ ଭାଷା ଥିଁ ହଲିଆ ଗୀତ୍, ଡ଼ାଲ୍‌ଖାଇ, ରସର୍‌କେଲି, ଦ୍ଲମୋ, କର୍‌ମା, ଦୁଲ-ଗୀତ୍, ଦୁଲଗୀତ୍ ଆଦି ବନହାଁ କରି କେତ୍‌ନ କେତେ ଧନ୍ଦ ଗୁଆ ହଇଛେ ସିନା ଅଖର୍ ବନ୍ଧନ୍ ଥି ନାଇଁ ବନ୍ଧା ହଇଁ, ନାଇଁ ଲେଖା ହଇଁ । ସହର୍ ବାହାକ୍‌ମାନେ କି ବଜ୍‌ନିଆଁ-ମାନେ ନଚ୍‌ନିଆଁ ମାନେ କେନୁ କେ । ଗୁଟେ ଝଣେ ଛୁନ ଛୁନ କରି ଗାଏଲେ ଲୋକ୍ ହେଥିଁ ଝିପେଇ ହେସନ୍ ଇ କଥା ପର୍‌ତଖ୍ ଆଏ । ଆଏଜ୍‌ତ ଇ ଦାଗେଁ ବନେ ଚେରେଷ୍ଟା ଚୁଲିଛେ; ରେଡ଼ିଓ ଥିଁ, ପତର୍ ପତ୍ରିକା ମାନ୍‌କେଁ ଭି ଲେଖାମାନେ ବାହାରୁଛେ । ଆଗୋ ଇ ଦାଗେଁ ଅଳୁଣ୍ଡା ଗାଆଁର୍ (ସୋହେଲା ଥାନା) କପିଲ ମହା-ପାତର୍ ଠିକ୍ ରମେଶ୍ ଲେଖି ବନେ କବାରୁଟେ କରିଥିଲେ । ହେଲେଁ ସେତେବେଲେଁ କହେ ସେଥିଁ ନଜର୍ ନେଇ ଦେଲେ କି କାଣା ଯେ ସେଥିର୍ ଗୁଟେ ଅଧେ କାଣ୍ ଆଜିର୍ ମିଳୁଛେ । ବାକୀ ସବୁ କେନ୍‌କେ ଗଲା କେ ଜାନେ ? ସମଲ୍‌ପୁରୀ ଗୁଟେ ଅଲ୍‌ଗା ଭାଷା ଆଏ ଇଟା କେତେ ଜଲ୍‌ଦି ସାବତ୍ ହେବା ଆମର୍ ପଚ୍‌ର୍ ପୀଢ଼ିର୍ ପାର୍‌ବାର୍ ପନ୍ କହେବା । ଇଟା ଅଲ୍‌ଗା ଭାଷା ତ ଆଏ ହେଲେ ଇଟାକେ ଅଲଗ୍ କରି ବର୍କାପ୍ କରି ଠିଆ କର୍‌ବାର୍‌ଟା ବନେ କଡ଼ା କବାର୍‌ଟେ ଭି ଆଏ ।

ସଁସ୍‌କ୍ରୁତ୍ ଆର୍ ଓଡ଼ିଆ ଭାଷା ଭିତ୍‌ରେଁ ଯେତ୍‌କି ତଫାତ୍ ଅଛେ, ସମଲ୍‌ପୁରୀ ହେଥିରୁଁ ଟିକେ ପାଶ୍ ଆଏ । ଓଡ଼ିଆ ଠାନୁ ବଙ୍ଗ୍‌ଲା, ହିନ୍ଦୀ କି ଆସାମୀ ଭାଷାମାନେ ଯେତେ ପାଶ୍ ଆ’ନ୍ ସମଲ୍‌ପୁରୀ ହେଥିରୁଁ ଟିକେ ଧୁରିଆ ଆଏ । ଭୁଗୋଲ୍ ଜାନ୍‌ଲା ଲୁକେ କହେସନ୍ ଉପକୁଲ୍ ଅଁଚଲର୍ ଜିଲାମାନେ ପଛେଁ ତିଆରି ହଇଛେ ଆର୍ ଇ ସମଲ୍‌ପୁରୀ ଭାଷାଥି କଥା ହେଉଥିବାର୍ ଜିଲାମାନେ ଆଗୋ । ସଁସ୍‌କ୍ରୁତି ଦେଖିଲେଁ ଭି ଇ ଆଡ଼ର୍‌ଟା କୁନ୍‌ହା ବାଗିର୍ ଜନା ପଡ଼ୁସି; ଯେନ୍‌ଟା କି ବିକ୍ରମ୍‌ଖୋଲ୍, ମାରାଗୁଡ଼ା, ରାନୀପୁର୍ ଝରିଆଲ୍ ନର୍‌ସିଂଗ୍‌ନାଥ୍ ଆଦିକୁଁ ଆଉର୍ ଲୋକ୍‌ମୁହଁର୍ ପବଚନ୍‌ମାନ୍‌କୁଁ ପଡ଼୍‌ରାଲେ ବି କହେସନ୍ ।

ଇ ସମଲ୍‌ପୁରୀ ଭାଷା କହୁଥିବାର୍ ଲୁକେ ଓଡ଼୍‌ଶା ଦେଶେଁ ରହି ଓଡ଼ିଆ ଭାଷାକେ ଆଦ୍‌ରି ନେଲେ ଇସ୍କୁଲିଆ ଭାଷା ବଲି । ସମଲ୍‌ପୁରୀକେ ଓଡ଼ିଆ ଭାଷା ଜଜର୍ କରି ପାର୍-ଥିଲେଁ ଦୁହି ଭାଷା ମିଶି ଗୁଟେ ବନେ ବଢ଼ିଆ ଆର୍ ବଡ଼୍ ହଇ ପାରିଥିତା; ହେଲେଁ

ସମଲ୍‌ପୁରୀକେ ସବୁଦିନେ ଭିନ୍‌ ଆଖିଁ ଦେଖାହେଲା, କେନ୍‌ କନ୍‌କେ କର୍‌ଖେଇ ହିଆ-
ହେଲା । ଏନ୍ତାକି କବି ମୂର୍ଦ୍ଧନ୍ୟ ଗଙ୍ଗାଧର୍‌ ବି 'ଛିନ', 'ହିଚ୍ଛି' ବାଗିର୍‌ ଗୁଟେ ଖଣେ
ସମଲ୍‌ପୁରୀ ଶବଦ୍‌ ବେଭାର୍‌ କଲେ ଯେ ସେତେବେଲର୍‌ ସାହିତ୍ୟିକ୍‌ ବୁଲାଉଥିବା ବନହାଁ
ଲୁକର୍‌ ମନ୍‌କେ ନାଇଁ ଆଏଲା; ଭାଷା-ରିଏକେଁ ରାଜ୍‌ପାଟ୍‌ ପାଏଲା ବାଗିର୍‌ ହଉଥିବାର୍‌
ଲୁକେ ତ ପଛାଁ ଅସ୍‌କଟାଲେ । ଇ ଆଡ଼ର୍‌ ଲେଖକ୍‌ମାନେ ବହୁ ଉନ୍ତିଆ ଥି ଲେଖ୍‌ଲେଁ
ବି କହେ ନାଇଁ ପର୍‌ଗଲେ ତ ସମଲ୍‌ପୁରୀ ଥି ଲେଖ୍‌ଲେଁ କାଁ ମାଏନ୍‌ ପଏବେ ?
କେନ୍ଦ୍ର ସାହିତ୍ୟ ଏକାଡେ଼ମୀ କଥା ଛାଡ଼୍‌, ରାଜ୍ୟ ସାହିତ୍ୟ ଏକାଡେ଼ମୀର୍‌ ଦୁଆର୍‌ବନ୍ଧ୍‌
ମାଡ଼ିବାକେ ବି ସମଲ୍‌ପୁରୀକେ ମନା, ସତେ ସେ'ନ ପାହା ପକେଇ ନେଲେଁ ଗୁବର୍‌
ପାଏନ୍‌ ଟିଁଟା ଲାଗ୍‌ତା କି କାଣା ? ସମଲ୍‌ପୁରୀ ଯେ ଖାଲି ଅଲ୍‌ଗା ଭାଷା ଆଏ ସେତ୍‌କି
ନୁହେ ଇଥି ଗୀତ୍‌, କବିତା, ଗ୍ରେଟ୍‌କଥେନ୍‌, ଉପ୍‌ନିଆସ୍‌, କାଏବ୍‌ ପଢ଼ବାକେ ଶୁନ୍‌ବାକେ
କେତେ ବଢ଼ିଆ ଲାଗ୍‌ସି ପଢ଼୍‌ଲା ଶୁନ୍‌ଲା ଲୁକେ କହେବେ । ଇ ଭାଷା ଥିଁ ଗୁଟେ ଭିନ୍‌
ରକମର ସୁଆଦ୍‌ ଅଛେ ଦୁସ୍‌ରା ଲହର୍‌ ଅଛେ ଆର୍‌ ଗୁଟେ କିସମର ଲଜତ୍‌ ଅଛେ
ଯେନ୍‌ଟାକେ ବୁଝି ହେସି, ଧରି ହେସି କହି ନାଇଁହଏ । ଇ ଭାଷାର୍‌ ସୁଆଦ୍‌ବାଆରି ହେସି ।
ଇ ଭାଷାର୍‌ ଶବଦ୍‌ମାନ୍‌କେଁ କେତେ ଜାଗା ଥିସି ଯେ ଭରନ୍‌ ଭରନ୍‌ ଭାବ୍‌ ଧରିସି
ଆରି ଗୁଟେ ଶବଦ୍‌କେ ଫାରି ନେଲେଁ ସେତ୍‌କି ଭାବ୍‌ ରୁକେଇ ହେସି ଯେ ସେତାକେ
ରଖି ଥୁଇ ବାଆରି ପାର୍‌ଲେଁ କୁରୁତ୍‌ କୁରୁତ୍‌ ଲାଗ୍‌ସି । ଇ ସବୁକେ ପର୍‌ତଛ୍‌ କର୍‌ବାକେ
ଇ କାଏବ୍‌ ଆଏ । ଲୋକ କାଁ ବଲ୍‌ବେ ସେ କେ ଜାନେ । ଯଦ୍ୟପି କେନ୍‌ କନେ ଭି
କିଏ ଜନେ ଇତାକେ ସହ୍‌ରିବା ବଏଲେଁ ଅଭିମନ୍ୟୁ ସାମନ୍ତ ସିଂହାର୍‌କର୍‌ କହେଲା
ବାଗିର୍‌ ମୋର୍‌ ଆଯୁଷ୍‌ ସଙ୍ଗେଁ ମୋର୍‌ ମିତାଲ୍‌ ଅନେକ୍‌ ଲୁକର୍‌ ଆଯୁଷ୍‌ ତାହାକେ
ମିଲୁ । ହେଲା ଜନେ ବି କାଇଁଥିଲେଁ ଇ ଭାଷାଟା ଜୀଇଁ ରହେବା ହେଁଥି ଟିକେ ବି ଶଙ୍କା
ନାଏ'ନ ।

ଏଛନ୍‌ ଆର୍‌ ଗୁଟେ କଥା ନାଇଁ କହେଲେଁ ମୋର୍‌ କହେବାର୍‌ଟା ଦର୍‌ଖଣ୍ଡିଆ
ରହିଯିବା । ସେ'ଟା ହଉଛେ "ଇ ଭାଷାକେ ପଢ଼୍‌ବାର୍‌ ଲୋକ୍‌ ବାହାର୍‌ କର୍‌ବାର୍‌" ।
ଆମେ ଗୁହେଁସୁ ସବୁକଥା ନୁକୋ ଭାବେଁ ହେତା ନ ନଜର୍‌ ପଖିଁ ପାଏନ୍‌ ନାଇଁ
ଲାଗ୍‌ତା । ଆମର୍‌ ମୁଡ଼୍‌ଦୁଖା ଉଶାସ୍‌ କର୍‌ବାର୍‌ ଲାଗି ଉନ୍ତା ଲୁକେ ଉପୋ ଲଗେଇ
ହେଟେ । ଛଟା ମେଟାଲା ମେତାଲ୍‌ ଦୁଇ ଗୁଏର୍‌ ହଭାଥି କହିନେଲେଁ ଇ ଭାଷା ଠହିର୍‌ବା
କାଏଁ ? ଇ ଭାଷାର୍‌ 'ସୁଲସିସ୍‌ ଆର୍‌ ସାଲେଗ୍ରାମ୍‌' ବାଗିର୍‌ କବିତା ବହିମାନେ ବାହାରି-
ଛନ୍‌ । ଇ ଭାଷା ଥିଁ ଏଛନ୍‌ ଗୁଟେ ପତ୍ରିକା 'ନିସାନ୍‌' ବାହାରୁଛେ, 'ବିଲାସିନୀ' ବାଗିର୍‌
ସମଲ୍‌ପୁରୀ ଉପ୍‌ନିଆସ୍‌ ଛପା ହେଇଛେ ଆର୍‌ ଭି କା'କାଣା ବାହାରୁଥିବା । ଇ ସବୁକେ
ଆମେ ନାଇଁ ପଢ଼୍‌ଲେଁ କିଏ ପଢ଼୍‌ବା ? ଆମେ ନାଇଁ ଘିନ୍‌ଲେଁ କିଏ ଘିନ୍‌ବା ? ଖାଲି
ଧୁକା ପିଇକରି ଭାଷା ନାଇଁ ଟିକେ, ନାଇଁ ଉଧାଏ, ନାଇଁ ଫୁଟେ । ତାର୍‌ ଲାଗି କିଛିଟା
ଉଆଗ୍‌ କର୍‌ବାକେ ପଡ଼୍‌ବା । ଆସୁନ୍‌ ସଭେ ମିଶି ସଭେ ହାତେ ଗୁଟେ ଦେଇ ଇ
ଭାଷାକେ ବଅଁଶୁମା ଠିଆଡ଼୍‌କରିମା ଚଲାମା ବୁଲାମା ଖେଲାମା ଦୁଲାମା ।

୩୧-୧-୯୧ —ହେମଚନ୍ଦ୍ର

# PREFACE

I extend, right at the out-set my heartist welcome and warmest congratulation to poet Shree Hemachandra Acharya, a gem lying rather in sad wilderness, for the light he has so successfully thrown on the hitherto unknown and consequently unexploited potentialities of our Sambalpuri language. He, as a true and dutiful son of our mother language has courageously chosen it as the medium of expression in this little but exceptionally dazzling literary creation a Kavya named 'Satar Sati Brundabati'. The mythological episode narrated in the Padmapuran, besides a number of other puranas, mainly concerning Jalandhara, the mighty anti-godly hero, his chaste wife Brundabati, and Lord Visnu who molested her chastity so as to disqualify and disable it from serving as the defending, invincible armour of her husband, engaged in a war against Mahadeva, resulting ultimately in Jalandhara's death, is undoubtedly of abiding social interest, involving debatable ethical conduct of Lord Visnu, the protector of human society and its moral ideas. So it is never a hackneyed subject matter and is even now befits a Kavya which, according to traditional Indian rhetorics, has a social purpose to serve ('Shivetara Kshataye' – Mammata's Kavyaprakash), unlike most of so-called modern poetry created just for gratification of a purely personal urge for creation.

But that is not why 'Satar Sati Brundabati' should so strongly attract us. The unquestionable merit and capacity of its author as a consummate literary artist, deMonstrated amply in his earlier Oriya Kavya 'Shavari Sandesh' in Reetipattern and exhibited in the present Kavya again, is not what I need highlight here, for, the readers themselves cannot fail to notice these easily visible traits. What is of utmost relevence is that this Kavya 'Satar Sati Brundabati' (which means 'truely chaste Brundabati ) is a decisive piece of evidence to show the worthiness of Sambalpuri language as a suitable medium for expression of high and serious thoughts. Persons in the field of Sambalpuri language and literature are aware of how the language has been so far sneered as a 'folk language', fit at best for lyrics and folk songs. The language has also been facing the apathy not only of the Oriya speaking litterateurs of Orissa who wrongly take it to be a corrupt form or of Oriya or at best an Oriya dialect but also of almost all people who themselves speak the language but take resort to Oriya when they have to write even a letter to their family members and friends. Despite all discouraging factors Sambalpuri language has been holding its own against the infiltration into west Orissa (formerly a part of the famous Kosal country) of Oriya language and literature which belongs, as scholars opine, to a different langu-ge-group, namely, Magadhi as against the Ardha magadhi group to which Sambalpuri language belongs. Though Oriya speaking people do not understand Sambalpuri language and have never utilised it so as to enrich Oriya language and thereby help the process of emotional integration of different people and regions of Orissa, people who matter or people

In power do not recognise Sambalpuri as a language different from Oriya and so neglect it.

My humble appeal to all such people is to go through 'Satar Sati Brundabati' and say if the language used in the Kavya is corrupt Oriya or, as I believe and can show, chaste Sambalpuri that should deserve as much patronage and incentives as enjoyed by Oriya. I need not remind scholars and people who matter that unity in diversity and variety being the character of our Indian culture, the development of Sambalpuri language and literature can only be neglected at the peril of an integrated Orissa.

Lastly I hope my friend Hemachandra's 'hema' made (golden) pen will not rest satisfied and be complacent with what it has produced. Sambalpuri language hopes ardently that her worthy sons like my friend will untiringly go on and on in their effort to raise their mother language to the status it richly deserves but is wrongly and sadly deprived of, mostly due to their own idleness and undue magnanimity towards Oriya which is already affluent and is not in crying need of their service as is their own languishing mother language.

**Nilamadhab Panigrahi**
18-2-92
(President Sambalpuri Lekhak Sangha)

# ଅଭିମତ

ସମଲ୍‌ପୁରୀ ଭାଷାଥି ଆମର୍ ଇଲାକାର୍ ଲୁକେ ଯୁଗ୍ ଯୁଗ୍ ଧରି କଥା ବାର୍‌ତା, ଦୁଖ୍ ସୁଖ୍ ଆଉର୍ ଖବର୍ ବିନିମଏ କରି ଚଲି ଆସୁଥିଲେ ହେଁ ଲେଖାଯୁଖା କରି ଛାକର୍ ସବ୍ ପର୍‌କାଶ୍ କର୍‌ବାର୍ ଉଦ୍‌ଯୋଗ୍ ଗଲା କେତେ ବଛର୍ ଧରି ଯେନ୍‌ତା ଶୁଲିଛେ ଆଦ୍ଧଲୁଁ ହେନ୍ତା ନାଇଁ ଥାଇ । ଲୋକ୍‌କଥା, ଗୀତ୍, କଥେନ୍, ଦଏକା ପୁର୍‌ନା ମାନ୍‌ତା ଗନ୍‌ତା ଲେଖକ୍-ମାନେ, ଗାହାକ୍ ମାନେ ବଁଚେଇ ରଖିଥିଲେ ।

ଏଭେଁ ସମଲ୍‌ପୁରୀ ଭାଷାଥି ବହୁତ୍ ଲୋକ୍ ବହୁତ୍ କଥା ଲେଖିଛନ୍ ହେଲେ ବହି ପତର୍ ଛପା ଆଉର୍ ତାର୍ ପର୍‌ସାର୍ ଏତେ କମ୍ ଯେ ଆଂଗ୍‌ଠି ଆଗେ ଗନି ହେଇ ଯାଉଛେ । .ସେଥି ଅବ୍‌ଗା ନରୁଆଁ ସମଲ୍‌ପୁରୀ ଭାଷାଥି ଉଁଚ୍ଚ ଦର୍‌ଜାର୍ ସାହିତ୍ୟ ସୁର୍‌ଷ୍ଟି କରି ଯେନ୍ କେତେଜନ୍ ଆମର୍ ଭାଷାର୍ ଭଣ୍ଡାର୍‌କେ ପୁରେଉଛନ୍ ସେମାନ୍‌କର୍ ମେହେନତ୍ ଆଉର୍ ଦାନ ସାରା ଜାତିର୍ ଲାଗି ଗୁଟେ ବଡ୍ ଦାନ୍ ।

'ସତର୍ ସଖି ବୃନ୍ଦାବନି'ର୍ ଲେଖକ୍ ମାନ୍‌ତା ଗୁନ୍‌ତା ହେମଚନ୍ଦ୍ର ଆଚାର୍ଯ୍ୟ ପୁରନ୍‌ର ଗୁଟେ ଉପାଖ୍ୟାନ୍‌କେ ଯେନ୍ତା ଘସିମାଜି କରି ଭାବ୍ ଭାଷାର୍ ଫୁଲ୍‌ମାଲ୍ ଗୁଁଥି ମୁନୁଷର୍ ଜୀବନର୍ ସବୁଦିନିଆ କଥାକେ ନରୁତ୍ ଆଧ୍ୟାତ୍ମିକ ଚିନ୍ତା, ଆଦ୍‌ରଶ୍ ଆଉର୍ ନୀତିକଥାମାନ୍ ସମଲ୍‌ପୁରୀ ଭାଷାଥି ଗୁଟେ କାବ୍ୟ ଆକାର୍‌ଥି ଭଗବାନ୍ ଭକତ୍ ଆଉର୍ ଭକ୍ତି ମୁକତି ଆଦିର୍ ଧାରା ମୁଲୁ ଶେଷ୍ ତକ୍ ମହାନଏଦର୍ ନିର୍ମଲ୍ ପାଏନ୍ ଲେଖେ କାବ୍ୟଧାରାକେ ବହେଇଛନ୍— ପାଠକ୍ ମାନେ କାବ୍ୟଟା ପଢ଼୍‌ଲେ ଜାନି ପାର୍‌ବେ ।

ସମଲ୍‌ପୁରୀ କାବ୍ୟ ସାହିତ୍ୟକେ 'ସତର୍ ସଖି ବୃନ୍ଦାବନି' ସରସ୍ ଆଉର୍ ଉନ୍ନତ୍ କର୍‌ବା ବଲି ଆଶା ।

**ତ୍ରିବିକ୍ରମ ତ୍ରିପାଠୀ**
ସମ୍ପାଦକ, 'କୋଶଲ'
ସମଲ୍‌ପୁର୍

## -୧-

କେ'ନୁ ଆଇଛେଁ କେନ୍‌କେ ଯିମି, କେ'ନ ଅଛେଁ ନାଇଁ ଜାନେ;
କଏ ଆଏଁ ମୁଇଁ କଏ କହେବା ନୁର ଦେଖୁଛେଁ ସବୁ ଠାନେ ।୧।
ଯାହାକେ ନେଇ 'ମୁଇଁ' 'ମୁଇଁ' କହି ହେସିଁ ବୁଲି ବୁଲି
ସବୁନ ସେ ଦେଖୁଥିସି ପଲବାର୍ ତାହାକେ ଭୁଲି ଭୁଲି ।୨।
ସେ ଆଏ କାଏଁ ପବନ୍ ହଇଁ ଭୁବନ୍ ସାଗ ବଅଁ ଚଉଛେ
ଉଜାଲ୍ ହଇଁ ଜନ୍ ବେଲ୍ ଜୁଏ ଜରିଆନ ଘୁଞ୍ଚୁଁ ଚଉଛେ ।୩।
ସେ ଗୁମିଆଁ ପାଏନ୍ ଆଏ କାଏଁ ତଲ୍ ଉପର୍ ସବୁଠାନେ
ତରୁ କର ଖୁଜ୍‌ଲେଁ ହେବା ସବୁ କଥାର୍ କାଏଁ ଗୁଟେ ମାନେ ।୪।
ଗୁଟେ ନାଡ଼ୀ ହାତେଁ ଲଗ୍‌ବା ଚପିଂଦେଖ୍‌ଲେଁ କାଏଁ ସବୁ ନସ୍
ଯାହା ଦେଖ୍‌ସିଁ ସବୁ ଚଜ୍‌କେ ଚୁଟ୍‌ମିଲେଁ କାଏଁ ଗୁଟେ ଲସ୍ ।୫।
କେତେ ରକମ୍‌ର ରଙ୍ଗ୍ ଯଜ୍‌ବଜ୍ ଦେଖ୍‌ତେଁ ଈ ଜଗତ୍‌କେ
ଗୁଟେ ରଙ୍ଗ୍ କାଏଁ ରଙ୍ଗି ବୁଲେ ଧରମି ଖାଲି ବକତ୍‌କେ ।୬।
ହାତି ହଇଁ କାଏଁ ମାତି ଥିସି କିରା.ହଇଁ କାଏଁ ଡ଼ିଁଡ଼ା
ସିଂହର୍ ମୁହେଁ ଗର୍ଜନ୍ କାଏଁ ଚେରେର୍ ମୁହେଁ ଚିଁହୁଁ ।୭।
ସୁଖ୍ ସମୁଦ୍‌ରେଁ ପହଁର ପହଁର ହଁସୁଥିସେ କାଏଁ ହୋ ହୋ
ଦୁଖର୍ ଘନା ନ ପିଟି ହଇଁ ସେ କାନ୍ଦୁଥିସି ଫେର୍ ଭୋ ଭୋ । ।
ରଠ୍ ଖପନ ଝାଉ ହଇଁ କାଏଁ ସେ ବୁଲ୍‌ସି କୁହ୍ନି କୁହ୍ନି
କଳ୍‌କଳିଆଁ କାକର୍ ବୁଲେଁ କାନ୍ଦୁଥିସି ଲୁହି ଲୁହି ।୯।
ଧାର୍ ଶାବନେ ଝୋ ଝୋ ଜବେ ଯେ କାଏଁ ଧୋ ଅ.ଏ
କଲମେଘେଁ କାଏଁ ବିଜୁଲି ହଇଁ ମଲ୍‌କୁଥିସି ଧାଏ ଧାଏ ।୧୦।
ସେ ଆଏ କାଏଁ ଖୈତ୍ ଗୁମିଆଁ ସଁସାର୍ ତାର୍ ଫୁଲ ଆଏ
ସେ ତ୍ ଯାହିଁ ଯେନ୍ତା ଅଛେ ସତେଁ ତାର୍ ଫୁଲ ଆଏ ।୧୧।

ଡ଼ୁଲି ତାର୍ ଉଜେଡ୍ ହେଲେଁ ଯେ ହଜନ୍ ଦେସି ଡ଼ାଣ୍ଡଁ
ସେ କଥାକେ ନେଇ ହେସି ବେଦ୍ ବେଦାଁନ୍ତ ପୁରାନ୍ କାଣ୍ଡଁ ।୧୨।
ସେ ଝନେକେ ନୁର ନୁର ବାପ୍ ଅଜା କେତେ ପୁରୁଷ୍
କେତେ ହେଲେ କୁରୁତ୍ କୁଚୁତ୍ କାହାକେ କେନ୍ତା ହେଲେଁ ଦୁରୁଶ୍ ।୧୩।
ଯାହା ଦେଖିଲେ ଚୂର୍ ବାଁଧି ଆମର୍ ଲଗି ଦେଲେ ପୁରାନ୍
ନାଇଁ ଭୁଲନ୍ତି ଆମେ ହେସୁଁ ସୋଜ୍ ହୋଜ୍ କେତେ ହରାନ୍ ।୧୪।
ସେ ପୁରାନୁ ପୁରେ ମେତାଲ୍ ଆଜର୍ ମୁଇଁ ଅଲ୍‌ଗାଉଛେଁ
କେନ୍ତା ଲଗ୍‌ବା କେନ୍ତା ନାଇଁ ଲୁକ୍‌କର୍ ପଟରେଁ ଫୁଙ୍ଗ୍‌ଗାଉଛେଁ ।୧୫।
ଶୁନ ଶୁନ ମୋର୍ ଭାଏ ବହନେ ପଦମ୍ ପୁରାନର୍ କଥା
ଜଲନ୍ଧର୍ ରଜାର୍ କାର୍‌ରଇ ଦେଖି ଦେବ୍‌ତା ହେଲେ ଅଥା ।୧୬।
ମହାପ୍ରଭୁ ସାଙ୍ଗେଁ ଲକ୍ଷ୍ମୀ ମାକେ ବାନ୍ଧି-ରଖ୍‌ଲା ଘରେ
ଆର୍ ଆଉ ଅସୁହା କଥା କହେଲେଁ ନାଇଁ ସରେ ।୧୭।
ଚାକର୍ ଡାକର୍ ବଗୁର୍ ଆଗୁର୍ 'କେନ୍ତା କରମା କହ'
ଝନେ ବଏଲା "ଲଢ଼୍‌ଲେଁ ହାର୍‌ଲାଁ ଯାହା କର୍‌ବା ସହ" ।୧୮।
ଆଉର୍ ଝନେ ବଏଲା "ଭାଇରେ ! ଗୁଟେ କଥା କହୁଁ
ଆଉର୍ ଥରେ ଲଢ଼ି ଦେଖୁଁ ଜିତୁଁ ଭାଏଲ୍ ହାରୁଁ" ।୧୯।
ସେ ଥର ମୁଇଁ ନାଇଁ ଥାଇଁ ଯେ ଡରେଇ ନେଲା ସମ୍‌କୁଁ
ମୁଇଁ ନେଇଁ ଥିଲେଁ କେ'ନ ସେ ଖାତିର୍ କରସି ତମ୍‌କୁଁ ।୨୦।
ଝନେ ବଏଲା ପଛ୍ ଆଡ଼ୁଁ ଭାଇ ଖେଲ୍-ଚୁଟା କଥା କହେସୁ
ଲଢ଼େଇ ହେବାର୍ ଖବର୍ ପାଏଲେଁ କେ'ନ ଯାଇ ରହେସୁ ।୨୧।
ସ୍ୱର୍ଗର୍ ରଜା ଇନ୍ଦର୍ ବଏଲା "ଲଢ଼େଇର୍ କଥା ଛାଡ଼
ଆଉର୍ କିଛି ଉପେ ଥିଲେଁ ସଭାର୍ ଭିତରେଁ ବାଢ଼" ।୨୨।
କେତେ ବଜର୍ ବହିଟା ତାର୍ ମୁଇଁ ସିନେ ଗା ଜାନ୍‌ସିଁ
(ମୋର୍) ବଜର୍ ବଏଲେଁ ସର୍ଲ୍ କଥା ଚଡ଼୍‌ତେ ସାଏର୍ ଭାଙ୍ଗ୍‌ସି ।୨୩।
ମହାପ୍ରଭୁକେ ଭାଏଲ୍ ଗୁହାରି କରୁଥାଁ ସେ ରହେଲେ ବନ୍ଦା
ମହାଦେବ୍ ପାଖ୍‌କେ ଗଲେ ଭାଏଲ୍ ଛୁଡ଼ାବେ ଇ ଧନ୍ଦା ।୨୪।

ଇ ଅଡ଼େ ଶୁନ ରଜାର୍ କଥା  ହୀରର୍ ମୁକୁଟ୍  ଭର
ମହାନ୍ ଠାନେଁ ବସି ନେଇଛେ  ସୁନାର୍ ଚଉକ  ପାର  ।୧।
ମନ୍ତ୍ରୀ କଟଆଲ୍  ହଜାର୍ ହଜାର୍  ଧାଁ ଧପଡ଼୍ କରୁଛନ୍
କାନ୍ କାଟଲେଁ ବ କଥା ପଦେ  କହେବାର୍କେ ଡ଼ରୁଛନ୍  ।୨।
ଗାଏ ଘୁଡ଼ା ହାଥି ଓଟ୍  ଗୁହାଲ୍ ଗୁହାଲ୍ ଭରଛନ୍
ଧଏନ୍ ଧଏନ୍ ସେ ବସ୍ତର୍ କଥା  ଯାହାକେ ଯେନ୍ତା କରଛନ୍ ।୩।
କାହାକେ ଧନେ ଫାଟି ନେଇଛନ୍  କଏ ମରୁଛେ ଭୁଖେଁ
କେ ଖାଏଲ ଦୁଖେଁ କାନ୍ଦି ନାଇଁପାରେ  କେ ଶୁଇଛେ ସୁଖେଁ  ।୪।
ଏନ୍ତା ବେଲେ ନାରଦ୍ ମୁନ  ରଜାର୍ ପାଶ୍କେ ଆଏଲେ
ବନା ଧର ମହାପ୍ରଭୁର୍ ନାଁ  ମହାନ୍ ବଡ଼ରେଁ ଗାଏଲେ  ।୫।
ପାଦେଁ କଁଠଉ ମୁଡ଼େଁ ଝୁଟ୍ଟା  କଲର୍ ମୁନା ଖାକେଁ
ରାମ ନାମଆ ଚଡା କପାଲେଁ  ଚନ୍ଦନ୍ ଟିକା ନାକେଁ  ।୬।
ରଜା ଉଠ୍ଲା "ଆସନ୍ ଛାଡ଼  ଯୁହାର୍ ଭେଟ୍  ହେଲା
କେତେ ରକମେ ପୂଜା କର ବନେ  ମାଏନ ଗୁନ୍ କଲା  ।୭।
ଅଏନ୍ ସୁନ୍ଦର୍ ଆସନ୍ ଦେଇ  ବସାଲା ହାତ୍କେ ଧର
କହେଲା "ମୁନ ମୋର୍ ପୁର୍କେ  ଆଏଲ କା'ଣା କର"  ।୮।
ନାରଦ୍ ବଏଲେ "କଣ୍ଟୁ ନେ ରଜା ଯୋଜ୍ ଆଇଛେଁ ବୁଲି
ଯାହା ହେଲେ ବ ତମକୁଁ କେନ୍ତା  ନାଇଁ ପାରେଁ ମୁଇଁ ଭୁଲି  ।୯।
ଆଏଲି ଚଲି ଦେଖ୍ଲି ଶୁହେଁଲି  ତମର୍ ସବୁ କଥା
ଧନ୍ ଦରବ୍ ଦେଖି ବସଲେଁ  କଏ ନେ ହେବା ଅଥା  ।୧୦।
କେନ୍ମି ଚଜର୍ ଅଭାବ୍ ନାଇଁ  ସବୁ କଥା ପୂରଛେ
ଛନ୍ହ ପୁରର୍ ଜନସ୍ ଯିଏ  ଯାହା ଗୃହେଁବ ଭରଛେ  ।୧୧।
କାଁ କର୍ବ ଗୁଟେ କଥା ନାଇଁନ ଭୁମର୍ ଠାନେ
ନାଇଁ ପାଏଲ ଭୁମର୍ ପୁରେଁ  ନୁର୍ଲେଁ ମନେ ମନେ  ।୧୨।
ଏଣ୍ଟୁନକା ମୁଇଁ କଏଲସ୍ ପୁରୁଁ  ବୁଲକର ଆସୁଛେଁ
ଶିବ୍ ଘର୍ନୀ ପାର୍ବତୀକୁଁ  ସୁର୍ତ୍ତା କର ହସୁଛେଁ  ।୧୩।
ହେନ୍ତା ସୁନ୍ଦର୍ ଘର୍ନୀ ଝନେ  ତମ୍କୁଁ ଏକା ଗୃହ
ଘର୍ନୀ ଜାନି ଘର୍ ଉଭରର୍  ନେହେଲେଁ ଇଥିଁ ଭାହିଁ  ।୧୪।

ତମର୍ ରମା ବୃନ୍ଦାବତୀ ତାହାକୁଁ ବି ଦେଖିଛେଁ
ତାର୍ ଠାନେ ଯେ କାହିଁ ନୁହନ୍ ମୋର୍ ମନେ ମୁଇଁ ଲେଖିଛେଁ ।୧୫।
ଯାହା ହେବାର୍ ହେଉ କହେଛେ ପାର୍ବତୀକୁଁ ଆନ
କହୁଁଥିରୁ ଏଣା ବନ୍ଧୁ କଥାଟେ ନାଇଁନ ଭେଟା ଜାନ ।୧୬।
କର ନେଁ କର୍ କହେଲଁ ମୁଇଁ ଭଲର୍ ଲାଗି ତୁମର୍
ତୁମର୍ କଥା ତୁମେ ଜାନ କହେବାର୍ ଖାଲି ଆମର୍” ।୧୭।
ଏତକ କହି ସଭା ଛାଡ଼ି ନାରଦ୍ ମୁନି ଉଠ୍‌ଲେ
ସୁରଗ୍‌କେ ଯାଇ ଦେବ୍‌ତା ରଜା ଇନ୍ଦର୍‌କେ ଯାଇ ଭେଟ୍‌ଲେ ।୧୮।
“ନେଁ ଡର ନ ଜଲନ୍ଧର୍‌କେ ହଏ ହୋ ଦେବ୍‌ତା ମାନେ
ପାର୍ବତୀ କେ ଆନ୍ ବଲି କହେଲନ ତାର୍ ଠାନେ ।୧୯।
ପାର୍ବତୀ ବଡ଼େ ସୁନ୍ଦରୀ ବଲିଁ ତାର୍ ମନ୍‌କେ ଲହପାଇଛେଁ
ଯାହା କଲେଁ ବି ସେ ନେଁ ମାନେ ବନାହାଁ କରି ରହିଁକାଇଛେଁ ।୨୦।
ପାର୍ବତୀ କେ ପାଏମି ବଲିଁ ଅସୁର୍ ରଜା ମରୁବା
ଝୁଟ୍ କବାରେଁ ବାଡ୍ କଥାଟେ ପଛାଁ କର ସରୁବା ।୨୧।

—୩—

ସେ ଆଡେଁ ରଜା ଜଲନ୍ଧର୍ ହଇଁ ରାହୁକେ ପାଟେଁ ଡାକ୍‌ଲା
ରାହୁ ଆମର୍ ବଚନ ବଲି ଦୁଇ ଗୋଡ଼ରୁ ପଦ୍ ଛୁଁଇଲା ।୧।
ବଏଲା “ବାବୁ ରାହୁରେ ତୁଇଁ ସବୁ କଥାକେ ଜାନୁଷୁ
ସେ ନକେ ବି ପଚରି ନେଲେଁ କେ'ନ କାହାକେ ଡରୁଷୁ ।୨।
ଜଲନ୍ଧ ଯା କୈଲାସ୍‌କେ ତୁଇଁ ମହାଦେବ୍‌କେ କହିବୁ
ରଜାକେ ତୁଇଁ କାହିଁ ନେଁ ଦେଇଁ କେନ୍ତା ଆବେଁ ରହିବୁ ।୩।
ସେ ଯେନ୍ତା ଦେବ୍‌ତା ମାନେ କାହିଁ କାହିଁ ଦେଉଛନ୍
ଯାହାକେ ଯାହା ବରୁଗି ନେଲେଁ ନେଁ ଟାଲିକରି ଯାଉଛନ୍ ।୪।
ତମର୍ ଘରନି ପାର୍ବତୀକୁଁ ରଜାର୍ ମନ୍‌କେ ଆଇଛି
ତାହାକୁଁ ତମ୍‌କୁଁ ଦେବାକେ ହେବା ରଜା ଇଠା କହିଛି” ।୫।
ରଜାର୍ କଥା ରାହୁ ଧରି କହନ କରି ଶୁନ୍‌ଲା
କେନ୍ତା ହେବା କେନ୍ତା ନାଇଁ ମନେ ମନେ ଗୁନ୍‌ଲା ।୬।

"ଯାହାହଉ ଯାଏସିଁ ଛନୁ ଭାବ୍‌ମି କଏଲାସ୍ ପାଖେଁ
କହେଲା କଥା ନେଁ କଲେଁ କାଏଁ ରହେଁମି ଇତାର୍ ଦେଖେଁ" ।୭।
'ହଁ' ବଲି ହୁଁକାର୍ ଦେଇ ଆକାଶେଁ ଯାଇଁ ଉଡ଼୍‌ଲା
ଜାନ୍‌ଲେ ଲୁକେ ସଭେ ବଏଲେ ରଜା ଏତ୍‌କେଁ ବୁଡ଼୍‌ଲା ।୮।

●

-୪-

କଏଲାସ୍ କେଡ଼େ ସୁନ୍ଦର୍ ବଲି କେ ପାର୍‌ବା କହି
କେନ୍ତା ସୁନ୍ଦର୍ ଥିବା ଯେ'ନ୍‌ନ ଈଶ୍ୱର୍ ଅଛନ୍ ରହି ।୧।
କେତେ ରଙ୍ଗର୍ ଫୁଲ୍ ଫୁଟିଛେ କେତେ ଗଛର୍ ଡ଼ାଲେଁ
ବହୁ ଦେଖି ଚମ୍‌କା ପଡ଼୍‌ଲା ନେଁ ଦେଖି କେନ୍ କାଲେଁ ।୨।
ବାଘର୍ ଛାଲେଁ ବସି ମହାଦେବ୍ ଆଏଁଖ୍ ଡନ୍‌ହାଠା ମୁଜିଛନ୍
ଧବ୍‌ମୁଣ୍ଡ୍ ଯାକ ସାଁପ୍ ସର୍‌ସର୍ ଜନ୍‌ଟେ ମୁଡ଼େଁ ଖୁଟିଛନ୍ ।୩।
ବଡ଼େ ଜାବର୍ ଗଙ୍ଗାର୍ ଧାର୍ ଜଟୁଁ ତଲେଁ ପଡ଼ୁଛେ
ପାଶେଁ ଠିଆ ମହାଘୋର୍ ଷଣ୍ ମନ୍‌କଲେଁ ଘାଏ ରଣ୍ଡୁଛେ ।୪।
ଗୁଟେ ହାତେଁ ଡ଼ମ୍ବରୁ ଗୁଟେ ବଡ଼ା ରକମେ ବାଜୁଛେ
ଆର ହାତେଁ ତ୍ରିଶୂଲ୍ ଦେଖି ସହୁର୍ ଗିଆନ୍ ଧଜୁଛେ ।୫।
କହେମି କି ନା ବଲି ମନେ ଭକୁର୍ କୁଟୁର୍ ହଉଛେ
କହେମି ବଲି ଦମ୍‌କଲେଁ ଫେର୍ ସବୁ ପାଶ୍ରି ପକାଉଛେ ।୬।
ଯାହା ହେଲେଁ ଭି କହେମି ବଲିଁ ମନେ ସାହାସ୍ ବାନ୍ଧ୍‌ଲା
ନାଇଁ ବୁଝ୍‌ଲେଁ ଯାହା ହେବା ସୁର୍‌ତା କରି କାନ୍ଦ୍‌ଲା ।୭।
ଖାସି ଖେଁକାରି ବନେକରି ଗଲାକେ କଲା ସାଫ୍
"କଥା ଗୁଟେ କହେମି ମହାଦେବ୍ ଦୋଷ୍ କର୍‌ବ ମାଫ୍ ।୮।
ଜଲନ୍ଧର୍ ରଜାର୍ ଖବର୍ ଧରି ତୁମର୍ ପାନ୍‌କେ ଆଇଛେଁ
ନାଇଁ ଆଏଲେଁ କାହିଁ ଚଲ୍‌ତା ଦାନା ପାନି ତାର୍ ଖାଇଛେଁ ।୯।
ଏତ୍‌କି କହି ରଜାର୍ କହେଲା କଥା ସବୁ କହେଲା
କହିକରି ଫେର୍ କାଣା କହେବା ଶୁନ୍‌ବାର୍‌କେ ରହେଲା ।୧୦।
କା'ଣା କହେଲେ ସେ କଥାକେ କେ'ନ ବହୁ ଶୁନୁଛେ
ମହାଦେବ୍ ବୁଢ଼ାର୍ ରଗ୍‌ମି ଦେଖି ମର୍‌ମି ଇଠା ଜାନୁଛେ ।୧୧।

“ଯାଲ୍ ଯା ରେ ଖବର୍ ବୁହା  ବଲି ଗୁଡ୍‌ଲିଁ ତତେ
ଜଲନ୍ଧର୍‌ଠା ଭକୁଆଠା ଆଏ ନୁହେ ଚନ୍ଦ୍ରେ ଭାଏଲ୍ ମତେ”  ।୧୨।
ଏତ୍‌କି ଯେନ୍ତା  ଘଡ଼୍‌ଲା କାନେ  ଜୀବନ୍ ଧରି ପଲାଲା
ହକି ଯାଇଥିଲା ବୁଧି ବେଉସା  ବାଟେଁ ଯାଉକଣ୍ଠି ଠୁଲାଲା  ।୧୩।
ଘାନ୍ଧୁ ବଚ୍‌ବା ପୁହୁଁରତେ ସାଏର୍ ଧାଏନ୍ ପିଇଲା ପେଟେ
ତେବେଁ ଯାଇ ସରମ୍ ପାଏଲା ତେହେରୁଁ ରଜାକେ ଭେଟେ  ।୧୪।
ଯାହା ଯାହା ହେଲା ମୂଲୁଁ  ଶେଷ୍ କରି  କହେଲା
ରଜାଙ୍କ ମନ୍ ବଡ଼ା ଖାଁଠ୍ ଚାର୍ କଥା ନୈଁ ଲହେଲା  ।୧୫।

— ୫ —

ଇନ୍ତୁ ଇଆଡ୍ ଶୁନୁଥ        ମାହାପ୍ରଭୁର୍ ନାଁ ଗୁନୁଥ
ଶିବ୍ ଜଲନ୍ଧର୍ ଲଢ଼୍‌ଲେ;

ଜାଏ କାହାକେ ନୁହନ୍ କମ୍     ଦୁହେ ମାର୍‌ବେ ଦୁହିଙ୍କର୍ ଦମ୍
ସମାନ୍ ସମାନ୍ ପଡ଼୍‌ଲେ ।୧।

ଜଲନ୍ଧର୍ ବି ବନଛେ        କେତେ କେତେ ବୀର୍ ହାନଛେ
କାହାକେ ନାଏଁନ୍ ଡର୍

ଘୁଡ଼ା ଗୁଏର୍ ପଠ୍ ପାନ୍ଧଛେ        ରଥେଁ ହତିଆର୍ ବାନ୍ଧଛେ
ହାତେଁ ଧରିଛେ ଧନୁଶର୍ ।୨।

ଅସୁର୍‌ମାନେ ଚହଲୁଛନ୍        ଚାଁପା ବାଗିର୍ କହଲୁଛନ୍
ସୁଆଁଲି ନଉଛନ୍ ମେଘୁ

କେ ବଲୁଛ ଦେଖିବି ଗଲେ        କେନ୍ତା ବୀର୍ ମୁଇଁ ଘଲେ
ଅଏରି କରସିଁ ପଞ୍ଚା ।୩।

ଧାନ୍ଧା ଦାର୍‌ଲେ ହାକୁଛନ୍        ମହାଦେବ୍‌କେ ଠାକଛନ୍
ହାତ୍ ହତିଆର୍ ଧରି

କେ ବଲୁଛ ପାଏଲେ ସଜେଁ    ମହାପ୍ରଭୁ ମହାଦେବ୍ ନାଇଁ ବୁଝେଁ
ଠିଁ ଠି ଦେମି ସାଟେଁ ।୪।

ଏତ୍‌କ ବେଲେଁ ଷଣ୍ଢେଁ ବସି   - ମହାନ୍ ରଶ୍ମି କଏଲାସ୍ ବାସୀ
ସେ ଠାନ୍‌କେ ଆଏଲେ
ଯୁଗ୍‌ନୀ ମାନେ ଦଉଡ଼୍‌ଛନ୍   ହାଣ୍ଡି ଘୁଡ଼ା ଘଉଡ଼୍‌ଛନ୍
ଯେ ଯେନ୍ତା ଧାଏଁଲେ ।୫।

-୭-

କେତେ କହେମି ଲଢ଼େଇର୍ କଥା ତୁଆମାନେ ଡ଼ର୍‌ବେ
ଡ଼ରୁହା ଯେତେ ସର୍‌ମି ଯିବେ  ଭର୍‌ମି ଖାଏଲ୍ ପଡ଼୍‌ବେ ।୧।
ଦୁହି ଆଡ଼ର୍ ସଏନ୍ ସାମଁତ୍ ଧୂମ୍ ଧଉକା ଲାଗିଛନ୍
ଖଁଡ଼ିଆ ଡ଼ଁଡ଼ିଆ ମରା ହଜା  ଯେ ଯେନ୍ତା  ମାଗିଛନ୍ ।୨।
ଦେଖ୍‌ଲା ଯେନ୍ତା ଜଲନ୍ଧର୍ ତାର୍ ଫଉଜ୍ ଟା ପଲଉଛନ୍
ରଥୀମାନ୍‌କୁଁ ଟେହେଁକାଲେଁ ଭି  ଜାନବୁଝି କରି ହେଲଉଛନ୍ ।୩।
ହାର୍‌ମି ଖାଏଲ୍ ବଏଲା ମନେ ଶୁମ୍ଭର୍ ପାଶ୍‌କେ ଆଏଲା
"ସଁଭାଲ୍ ଟିକେ ଶୁମ୍ଭ ହୋ ମୁଇଁ ଆଉଛେଁ ଠାନ୍‌କୁଁ" ବଏଲା ।୪।
ଖଁଟେଡ଼ ଦୂର୍‌କେ ଆସି ଜଲନ୍ଧର୍ ଷଣ୍ ପଠ୍‌କେଁ ବସିଛେ
କେନ୍ତା ରକମ୍ କପଟ୍ ରଚି  ମହାଦେବ୍ ମେତାଲ୍ ଦିଶୁଛେ ।୫।
ଏନ୍ତା କବାରେଁ ବଡ଼େ ପାର୍‌ବାର୍ ଯେତ୍‌କ ଅଛନ୍ ଅସୁର୍
କେନ୍ତା ରକ୍‌ମେ ବେଶ୍ ବାନ୍ଧ୍‌ବେ  ଚହ୍ନ୍‌ବା କେନ୍ ଶଶୁର୍ ।୬।
ଅସୁର୍ କେତେ ଯୁଗ୍‌ନୀ ବେଶେଁ ପାଶେଁ ଅଁତରେ ଚହଟ୍‌ଛନ୍
କେତେ ଧୂଶିଆ କଏଲାସ୍ ବଲିଁ  ମନେ ମନେ ଉହାଟ୍‌ଛନ୍ ।୭।
ଅଧା ଲାଜ୍ ଅଧା ଡ଼ର୍  ଅଧା ସାହ୍‌ସେଁ ଆଏଲେ
ମହାଦେବ୍ ଦେଖି ସର୍ଖୀମାନେ  ପାର୍ବତୀକେ ଯାଇ କହେଲେ ।୮।
ଲଢ଼େଇ ଜିତି ତମର୍ ପତି  ଆଏଲେ ନ ଗୋ ଆସ
ବନ୍ଧେଇ ଆନ୍‌ମା ଜାଟ୍‌ର୍ ଚାଲି  କଲସ୍ ଗୁଟେ ବଁସ ।୯।
ପାର୍ବତୀ ଆସି ଦେଖ୍‌ଲେ ଶିବ ବଡ଼େ ସୁନ୍ଦର୍ ଦିଶୁଛନ୍
ଗୁଟେ ଆଁଖି ଦେଖି ଘାଏ ଘାଏ  ଏକ୍ କେଣିଆ ହସୁଛନ୍ ।୧୦।

-୭-

ଜଳନ୍ଧର୍ ରଜା ଉଚ୍ଛନ୍ ହେଲା ପାର୍ବତୀଙ୍କୁ ଦେଖି
ଦୁର୍ଦ୍ଦାର୍ କରି ହ୍ୱଟି ପଡ଼ିଲା ଜ୍ଞାନ୍ ନୈ ପାରି ରଖି ।୧।
ପାର୍ବତୀ ଦେଖି ଏନ୍ତା କଥା ଭାବ୍ଲେ ଶିବ ନୁହେସନ୍
ମୋତେ ଦେଖି କାଏଁ ହ୍ୱଟିପଡ଼୍ତେ, ନୁହେସେ ଇଠା ଆମର୍ ଷଣ୍ ।୨।
ନିଶ୍ଚେ ଇଠା ଅସୁର୍ ରଜା ଭାବି ମନେ ପଲାଲେ
ଖିଡ଼୍କି ଦେବାକେ ହାତିଦାଁତର୍ କବାଟ୍‌କେ ଯାଇ ଠେଲ୍ଲେ ।୩।
ଜଲନ୍ଧର୍‌କେ ଅଜ୍ଞାନ୍ ଦେଖି ଅସୁର୍ ମାନେ ଧୁକୁଛନ୍
ମୁହେଁ ମାରି ପାଏନ୍ ଛିଟ୍‌କା କାନେ ଘାଏ ଘାଏ ଫୁକୁଛନ୍ ।୪।
ଅସଲ୍ ଘଡ଼୍‌କେଁ ପାଏଲା ଚେତା ସଁଭ୍‌ରିକରି ଉଠ୍‌ଲା
କହେ "କାହିଁ ଗା ପାର୍ବତୀ ମୋର୍ ଗିଆନ୍ ଗୁଡ଼ର୍ ଲୁଟ୍‌ଲା" ।୫।
ଦେଖ୍‌ଲା ପାଖେଁ ନାଇଁନ କହେ ଚାକର୍ ଭଲର୍ ଛଡ଼ା
'ଯାଉଛେଁ' ବଲି କହେଲା 'ସଁଖିଲ ତର୍ବାର୍ ବର୍ଛା ଖଁଡ଼ା' ।୬।
ଏତ୍‌କି କହି କର୍‌କରାନୁ ପଲେଇ ଆଏଲା ରଜା
ଲଗା ଲୁଚିରି ନାରଦ୍ ଉଡ଼ାଲେଁ ଦେଖୁଛନ୍ ଇ ମଜା ।୭।

-୮-

"ଏ ମା ! ଇଠା କାଣା ହେଲା ଜାନି ପାଏଲିଁ ଭଲେ"
ପାର୍ବତୀ ମନେ ହୁରଗୁନି ହଉଛନ୍ ଗୁଡ଼୍ ମୁଡ଼୍‌କେ ହଲେ ।୧।
"ଭଲେ ରକ୍ଷି ହ୍ୱଟି ପଡ଼୍‌ଲା ତେହେବୁଁ କାଏନ ଜାନ୍‌ଲି
କେନ୍ତା ବୁଦ୍ଧି ହେଲା ମୋର୍ ଷଣ୍ ପଟ୍‌କି ଚିହ୍ନଲି ।୨।
ନୈ ହେଲେଁ ମୋର୍ ସତୀ ପନ୍‌ଟା କେନ ଆଉର୍ ଥିଲା
ଅସୁର୍ ଗାଡ଼୍‌ଗୁଆର୍ କେତେ ବୁଦ୍ଧି କେନ୍ତା ଫାନ୍ଦ୍ କଲା" ।୩।
ଏତ୍‌କି ଭାବି ମହାପ୍ରଭୁକେ ସୁର୍‌ତା କଲେ ମନେ
"ହେ ବିଷ୍ଣୁ ! କେନ୍ତା ମାୟା କର୍‌ଲ ମୋର୍ ଠାନେ ।୪
ଜଗତ୍ ଯାକର୍ ସବୁ କଥା ତୁମେ ଏକା ଜାନୁଛ
ଯାର୍ ଯେନ୍ତା ବଗୁର୍ ଆଗୁର୍ ସବୁ ତୁମେ ଗନୁଛ ।୫।
ଖା'କାର୍ ଆଖି ଝୁମ୍‌ରି ଦେଇ ଚୁରର୍ ଆଗେଁ ଧନ୍
ଛିଣର୍ ଆଗେଁ ସୁନ୍ଦର୍ ପତି ଥୁଇ ବଢ଼ଉଛ ମନ୍ ।୬।

ସାରା ସଁସାର୍ କାଢ଼ ବିକାଢ଼ ସବୁ ତୁମେ ବୁଲୁଛ
ଦୁଷ୍ଟୀର୍ ମନେ ବିବେକ୍ ହଇଁ ତାର୍ ଭିତର୍‌ଟା ଗୁଲୁଛ ।୭।
ସାଧୁର୍ ଆଖି ଅଞ୍ଜନ୍ ଦେଇ ଭଲ୍ ଖରାପ୍ ଚିହ୍ନଉଛ
ଭକ୍ତ ଜାନି ମୁରୁଖ୍ ମନେ ପଥରେଁ ଦେବ୍‌ତା ମନଉଛ ।୮।
ବୁଢ଼ିକାରି ବି ପାଏନ୍ ପିଇଲେଁ ସେଥିଁ ଡମରୁ ନଜର୍
କାହାକେ ଏକା ଦେଖା ଦେଇଁ ଦିଅ ତୁମେ ବଡ଼େ ହଜର୍ ।୯।
ଏ ମନ୍ ! ତୁଇଁ ଯାହା ହେଲେଁ ବି ନାଇଁ ଛୁଟ୍‌ବୁ ତାହାକୁଁ
ତୋର୍ ପଛିଆ ସେ ଥିଲେଁ ଭୟ୍ ନେଇଁ ଥାଏ କାହାକୁଁ ।୧୦।
ସେତାର୍ ଉଧେଁ ଜୀବନ୍-ନହ୍ ବେଉଁରୁ ଘାଟେଁ କାହେସି
ତାର୍ ନାମ୍ ମନ୍ତର୍ ବଡ଼େ ଠାନ୍ ବିପଦ୍-ବେମାରେଁ ଲେହେସି ।୧୧।
ବିପଦ୍-ସମୁଦର୍ ଲଙ୍ଘିବାକେ ବିଷ୍ଣୁର୍ ନାମ୍ ଟା ଡଙ୍ଗା
ବିଷ୍ଣୁର୍ ଭାବ୍ ଖାପ୍‌ରା ଦେଇ ତୋର୍ ମନ୍-କରିଆ ରଙ୍ଗା" ।୧୨।
ଏନ୍ତା ଭାବେଁ ବିଷ୍ଣୁର୍ ଭାବେଁ ଉମା ରହେଲେ ବୁଡ଼ି
ବିଷ୍ଣୁ ଜାନି ମନର୍ କଥା ଟରୁତେଁ ଆଏଲେ ଉଡ଼ି ।୧୩।
ଦେଖ୍‌ଲେ ଆସି ପାର୍ବତୀର୍ ମନ୍ ବଡ଼େ ଖାଁଟି ଦିଶୁଛେ
ଆଏଁଖ୍ ଦୁହିଥୁଁ ଲୁହ୍ ଝରେ ଝରେ ମୁକ୍ତା ମୋତାଲ୍ ଖସୁଛେ ।୧୪।
ମହାପ୍ରଭୁକେ ଦେଖି ଉମା ଅଏନ୍ ମାଏନ୍ ଗୁନ୍ କରି
ବନେ ଆସ୍‌ନେ ବସେଇ କଏଲେ "କାଣା କହେମି ହରି ! ।୧୫।
କହି ହେବାର୍ କଥା ନୁହେଁ ବଡ଼େ କରମ୍ କାଲି
ଜାଲନ୍ଧର୍ ସେ ଅସୁର୍ ରଜା ଆଛା ଅଲ୍‌ହନ୍ ଦେ ଗଲ୍ ।୧୬।
ତୁମ୍‌କୁଁ ସେଟା କା'ଣା କହେମି ସବୁ ତୁମେ ଜାନୁଛ
କେତେ ଉତ୍‌ପାତ୍ ଅସୁର୍ ରଜା ହରୁ ହର୍‌ଦମ୍ ଶୁନୁଛ ।୧୭।
ଆଗେଁ ପୂର୍ବେଁ ଯେତେ ଅସୁର୍ ହଉଥିଲେ ଉତ୍‌ପାତ୍
ସମ୍‌କୁଁ ତ ଏକେଇ ଘାଏକେଁ କରି ନଉଥିଲ ନିପାତ୍ ।୧୮।
ଜାଲନ୍ଧର୍‌କେ କେନ୍ତା ପଭୁ କରି ନଉଛ ମାଫ୍
ତାର୍ ମେତାଲ୍ ହଜାର୍ ହଜାର୍ ଆଗୁଁ କରି ବି ସାଫ୍ ।୧୯।
ଲକ୍ଷ୍ମୀ ରମାର୍ ଭାଏ ବଲିଁ କାଏଁ ଶଲା ମାଏନ୍ କରୁଛ
ସବୁ ଲୁକର୍ ମାଲିକ୍ ହଇଁ ଲୋକ୍-ଲାଜ୍‌କେ ଡରୁଛ ।୨୦।

.............

ଉମାର୍ କଥା   କଲା ଅଥା   ଇ ଘଡ଼ିସଁଧି ବେଲା ନ
ମହାପୁରୁକେ   ମହାଧୂର୍ତ୍‌କେ   ଘଟ୍‌ନା-ଗୁଏଙ୍କେଁ ନେଲାନ ।୧।
ପାର୍‌ବତୀକେ   ଭଗ୍‌ବତୀକେ   କାଣା କହେବେ ଘଟୁଛନ୍
ଜଲନ୍ଧର୍‌କେ   ବଜ୍ରଙ୍ଗର୍‌କେ   ଆପ୍‌ନେ ପରେ ଡ଼ାବୁଛନ୍ ? ।୨।
"ସାର ସଁସାର୍   ଅଶୁଭ୍ ଅସାର୍   ଯାହା ହେସି ମୋର୍ ଆଏ
ଠିକେ ବନେ   ହେଲେଁ ଝନେ   ନୈ ସହସନ୍ କେଭେଁ ଯାଏ ।୩।
ସମୁଦର୍ ଠା   ଘଁଟା ଚଟ୍‌କା   ହେଲା ପରେଁ ହଲାହଲ୍
ପିଇଲା ପରେ   ନୁହେ ସରେ   ଶିବ୍ ଭୁସ୍ତିର୍ କୁଲାହଲ୍ ।୪।
ଜଗତ୍ ଯାକର୍   ସବୁ ଲୁକର୍   କାମ୍ ଫଲର୍ ବିଷମ୍ ବିଷ୍
ଡ଼ାଲନେଲେଁ ଭି   ଗିଲି ନଉଛେଁ   କେଭେଁ କାଏଁ କରୁସିଁ ଇସ୍ ।୫।
ତ'ଭି ମତେ   ଯେତେ ତେତେ   ନନ୍ଦା ଶୁନ୍‌ବାର୍ ପଡ଼ୁଛେ
ବାହଜ୍ ନୁହେ   ସହଜ୍ ନୁହେ   ମର୍ମେ ମର୍ମେ ଗଡ଼ୁଛେ ।୬।
ଦୁଷ୍ଟ୍ ଦଲନ୍   ଶିଷ୍ଟ୍ ପାଲନ୍   ଇ'ଟା ମୋର୍ କାମ୍ ଆଏ
ହେଁ କବାର୍   ନୈ କର୍‌ବାର୍ ବଏଲେଁ ମୋର୍ ବଦ୍‌ନାମ୍ ଆଏ ।୭।
ସେ ବଦ୍‌ନାମ୍   ମୋର୍ ଅପ୍‌ମାନ୍ କେ'ନ ଜଏ ଜାନୁଛନ୍
ପିରବତୀ ମୋର୍   ପାର୍‌ବତୀ ଭି   ସେ କଥା ଥିଁ ହାନୁଛନ୍ ।୮।
ଗଲା ବଲିଁ ପରେ   ହେଲା କାଲିଁ   ଜଲନ୍ଧର୍‌କେ ମାର୍‌ବାକେ ?
ପୁଓ ନାତି   ଗୋତ୍ ଗିଆଁ ଭି. ମାର୍‌ଲାଁ ପରେ;   ପାର୍‌ବାକେ ।୯।
ଭବର୍ ରଙ୍ଗେଁ   ମୋର୍ ସାଙ୍ଗେଁ   ରହେସି ଯେ ସେ ମୋର୍ ଆଏ
ଘବ୍ ନାଇଁ ତ   ଥାବ୍ ନାଇଁ ତାର୍ ଯେ ହେଲେଁ ବି ଶ୍ରେର୍ ଆଏ ।୧୦।
ଦୁଷ୍ଟର୍ ପକ୍ଷିଆ   ଦୁଷ୍ଟର୍ ରକ୍ଷିଆ   କହେଲେଁ ସହେବାର୍ କାଏଡ଼୍ ଆଏ
ଧର୍‌ଶଁସା ଖାଏଲ୍   ପରେଁ ଥାଉ   ନନ୍ଦା ବଏଲେଁ ଖାଏଡ଼୍ ଆଏ" ।୧୧।
ଘାବ୍‌ଗୀତ୍‌କେ (ଘାବଗାଥା) ଘାବ୍-ଗିତ୍‌କେ ଭୁରୁଡି ଢେଁହେଁକା ପଡ଼୍‌ଲା
ପାର୍‌ବତୀର୍ ସେ   ଅପାର୍ ଦରଦ୍ - ଦଶଆ ନହେଁକା ପଡ଼୍‌ଲା ।୧୨।
ହଁଭ୍‌ର କରି   ବସ୍‌ଲେ ହରି   ପାର୍‌ବତୀ ଅଢ଼େ ମୁହୁଁ
"ଜଗତର୍ ମାଁ   ଶୁନ ଉମା"   ପାର୍‌ବତୀ କଲେ ହୁଁ ।୧୩।

. . . . . . . . . . . .

"ଭଗ୍‌ବତୀ ତୁମେ ଭାଏଗ୍‌ବତୀ କେତେ ମହାଦେବ୍‌ ହାତ୍‌ ଧରି
ହେଲା କେନ୍‌ ବୁଢା ଅଛେ   ତୁମେ ନେଇ ପାର କର୍‌   ।୧।
ଉଗ୍‌ରେଇ ନେଲେଁ ଉଗଂର୍‌ ମାନେ ତ ଘାଏକେଁ ଯିବେ ଜଲେଁ
କେନ୍‌ ବଲର୍‌ ବଲ୍‌ ଜଲନ୍ଧର୍‌ ନ ଯେ ତମ୍‌କୁଁ ଯିବା ବଲି   ।୨।
ଭଏଁର ଭ ତ   ଶୁନଥିବା   ଭଏଁସାସୁରର୍‌ କଥା
ଦେବ୍‌ତା ବର୍‌ରେ କାଁଟା କର୍‌ତେ ମୁଇଁ ବ ଥିଲି ଅଥା   ।୩।
କେନ୍‌ ଅକ୍‌ଲେଁ ଅକ୍‌ଡ଼େଇ ନେଲ ନେଇ ପାଏଲ ସୋର୍‌
ବର୍‌ ପାଇକର ବର୍‌କସ୍‌ ହଇଁ କେଡ଼େ ଜାଲଙ୍ଗ୍‌ ଯୋର୍‌   ।୪।
ବାପ୍‌ ହେଲେଁ ବ ସାପ୍‌ କର୍‌ଲ ଦଏଖ୍‌ ରଜାର୍‌ ଅହଙ୍କାର୍‌
ଏ ବୁଆ ମୁଇଁ ନେଇ ଦେଖି ତମ୍‌କୁ ହେତେ ଭୟାଙ୍କାର୍‌   ।୫।
ସବୁ ଶକ୍ତିର୍‌ ଜନମ୍‌ ଜାଗା ତୁମେ ଜଗ୍‌ତର୍‌ ମାଆଁ
ଶକ୍ତି ବଏଲେଁ ଏକ୍‌ଲା ତୁମେ ବଦ୍‌ଲୁଥିସି ନାଆଁ   ।୬।
ପୁର୍ଥୀ ସଙ୍ଗେଁ ଗର୍ହ ନଖତର୍‌ ଗୁଟ୍‌କ ବାଗିର୍‌ ଖେଲୁଛ
ଖସିଗଲେଁ କେ କେତେବେଲେଁ ଥିଲା ଠାନ୍‌କେ ଠେଲୁଛ   ।୭।
ଭଗ୍‌ବତୀ ମୁଇଁ ତୁମର୍‌ ଶକ୍‌ତି ବଲେଁ ସିନା ଭଗବାନ୍‌
ତୁମର୍‌ ବଲେଁ ସବୁକାଲେଁ ମୁଇଁ ବୁଲସିଁ ବଲବାନ୍‌   ।୮।
ଶିଲ୍‌ ଯାଏତା ଜଲନ୍ଧର୍‌ ତୁମେ ଗୁହେଁଲେଁ ଘାଏ
ବଡ଼୍‌ ଘରର୍‌ ଯୋ ହଏ ନ ଯେ ହଉ ଲଖ୍‌ମୀର୍‌ ଭାଏ   ।୯।
ନଜର୍‌ ମାତି ନଜର୍‌ ଗତି ଭାଙ୍ଗ୍‌ବାର୍‌ ମନ୍‌ ନାଏଁନ
ସତୀର୍‌ ହାତୁଁ ଚୁରି ଗଲେଁ ହସିନେବେ ଲୋକ୍‌ ଖାଏଁନ   ।୧୦।
ଛନ୍‌ଏ ଛଡ଼ାଛଡ଼ି ନୁହନ୍‌ ପୁରୁଷ୍‌ ଆର୍‌ ପର୍‌କୁତି
ବାନ୍ଧି ନେଇଛେ ନେଇ ପଲାନ୍‌ ଇ କୁତି କ ସେ କୁତି   ।୧୧।
ମାଏଝି ମୁନୁଷ୍‌ ଅଲ୍‌ଗା ଦେହ୍‌, ଜୀବନ୍‌ ଆଏ ଗୁଟେ
ଧରମ୍‌-ରଶି ବନ୍ଧା ହଇଛେ ସହଜେଁ ନାଇଁ ହୁଟେ   ।୧୨।
ସେ ରଶିର୍‌ ଚିହ୍ନାକେ କାଏଁ ଆଏଜ୍‌ ବଲୁଛନ୍‌ ଚୁରି
ଜୀବନ୍‌ ମନ୍‌ ଗୁଟେ ଯେଭୁଁ ଗଁଠ୍‌ଲା ଯୁଗ ଯୁଗ   ।୧୩।
ନାରୀ କହେବା ପୁରୁଷ୍‌କେ ତାର୍‌ ପତି ପର୍‌ମେଶର୍‌
ପୁରୁଷ୍‌ ବଲ୍‌ବା ତିରୀ ଆଏ ମୋର୍‌ ଲଖ୍‌ମୀ ଅଠିପର୍‌   ।୧୪।

ପୂଜା କରେ ଯେ ପର୍‌ମେଶର୍‌କେ ପତ୍ତର୍ ଠାନେ ଥାପି
ସତ୍ତି ଆଏ ସେ, ଯତ୍ତିମାନେ ଭି ତାର୍ ନ ଯାଏସନ୍ କଁପି ।୧୫।
ଯାହାକେ ଦେଖ୍‌ବା ଶିଗ୍‌ମି ଆଁଖି ସେ ମର୍‌ବା ଜଲ୍
ତାର୍ ନାଆଁକେ ସୁର୍‌ତା କଲେଁ ପାପ୍ ବଲ୍‌ସି ମଲେଁ ।୧୬।
ସେ'ନ୍ତା ସତ୍ତି ବୃନ୍ଦାବତି ଜଲନ୍ଧର୍ ତାର୍ ପତି ଆଏ
କେ ଅଛେ ତାର୍ ମୁଣ୍ଡର୍ ସେନ୍ଦୁର୍ ମେଟେଇପାର୍‌ବା ଢାଏକର୍ ଘାଏ ।୧୭।
ସତ୍ତି ପନ୍‌କେ ପାଲ୍‌ବାର୍‌ଟା ବନହାଁ ବଡ଼ା ବରତ୍ ଆଏ
ସତ୍ତିର୍ ହାତୁଁ ଚୂର୍ ନାଇଁଯାଏ ବନେ ଗୁଟେ ସରତ୍ ଆଏ" ।୧୮।
ପର୍‌ମେଶ୍ୱରର୍ କଥା ଶୁନି କହେଲେ ତେଭ୍‌କେଁ ପାର୍‌ବତି
"କଥା ଥିଁ ତମ୍‌କୁଁ ପାରିହେବା କାଏଁ ଘର୍‌ନି ଯାର୍ ସର୍‌ସତୀ ।୧୯।
ମୋର୍ ମନେ ମୁଇଁ ଯାହା ଭାବଛେଁ ଜନେଇ ନେମି ତମ୍‌କୁଁ
ସବୁକଥା ହେଲେଁ କହିହେସି କାଏଁ ସବୁବେଲେଁ ସମ୍‌କୁଁ" ।୨୦।

. . . . . . . . . . . . .

-୧୧-

କଏଲାସ୍ ପର୍ବତେଁ ଆଜର୍ କଥା ହଇଁଗଲା ଯାଜ
ମହାପ୍ରଭୁର୍ ସାଙ୍ଗ୍ ନେଇ ଖୁଣ୍ଡ୍‌ବାର୍ ମହାଦେଈ ପାର୍‌ବତୀ
ଦୁଖର୍ ସୁଖର୍ କେତେ କଥା ଛୁଟେ ନାଇଁ, ଲାଗେ ଲେଟା
ନେଇ ପାର୍‌ବାର୍ ଶିବ୍ କେନ୍ତା ଜଲନ୍ଧର୍‌କେ ଜିତି ।୧।
ଶୁନ୍‌ବେ ବଲି କଥାଭାଷା ଆଁଖି ପଡ଼େ ନାଇଁ କଷା
ଚେରେ ଚରୁଗୁନ୍ ଜାଁତ ଜାନୁଆର୍ ଜବଦ୍
ଜଡ୍ ହେଲେଁ ବି ପଥର୍‌ମାନେ ଶୁନ୍‌ବେ କଟନ୍-କାନେ କାନେ
ଧୋବ୍ ଫର୍‌ଫର୍ ବରଫର୍ ଶାଲ୍ ଓଢ଼ି ଅଛନ୍ ତବଧ୍ ।୨।
ବେଲ୍ ବର୍‌ଷା ମେଘ୍ ଉଡ଼ାଲେଁ ଭୁନ୍ ପଡ଼ଛେ କଲେଁ କଲେଁ
କେତେ ମନ୍ ତାର୍ ଶୁନ୍‌ବା ବଲି ଇ ଦୁହିଁକର୍ କଥା
ଜନ୍ ହଁସ୍‌ତା ମୁଲ୍ ମୁଲ୍ ହେତା ଯନ୍ଧ କଥାର୍ ମୂଲ୍
ଝଟ୍‌କରି ଇ ଧନ୍ ଯାଇକରି ଗାଏତ୍ ଯଦର୍ପି ହେତା ।୩।
ସବୁ ଗଛର୍ କହଣ୍ଡ ମାନେ ଶୁନି ବୁଝ୍‌ବେ କଥାର୍ ମାନେ
ବଲି ଗଲେନ ସଙ୍ଗେଁ ସଙ୍ଗେଁ ବଗ୍‌ବଗାନୁ ଫୁଟି

କିଦ୍ ମାନେ ବି କମ୍ପିଲେ      ମନ୍‌କେ ମନ୍ ଟେହିଁକି ଗଲେ
ପାରୁଥିଲେଁ ଶିଏଲ୍ ଦୁଃଖଆ ଠାନୁ ପାଖ୍‌କେ ଯାଏତେ ଉଠି ।୪।

ଗଛ୍ ଗୁହୁଡା ପଟର୍-କାନେ      ଶୁନ୍‌ବେ ବଳି ନଜର୍ ଠାନେ
ଘଡ଼ିକେ ଘଡ଼ି ଡିଣ୍ଡି ହଇକରି ଉହାଟିଲା ବାଗିର୍ ଦଶୁଛନ୍
କିଏ ବଟିଛେ ବଡ଼୍‌ରେଁ ବଡ଼୍‌ରେଁ କିଏ ଚଢ଼ିଛେ ଗଥରେଁ ଦଥ୍‌ରେଁ
ଏକା ସାଙ୍ଗେଁ ଦେଖ୍‌ମା ବଳେଁ ଗୁଟାକେତେ ଫେର୍ ମିଶୁଛନ୍ ।୫।

ପବନ୍ ବନ୍ଦେ ଗୁପ୍‌ଗୁପ୍      ବରୁଫ୍ ପଡ଼େ ଟୁପ୍‌ଟାପ୍
ପାବଣ୍ଡି କାଁଣା କହେବେଁ ବଳିଁ କାନ୍ ଅଛେ ସମ୍‌କାର୍
ସେ କଥାନୁ ଶୁନ୍‌ବେ ଟପେ      ପାବଣ୍ଡି ଭାଏଲ୍ ମାଗ୍‌ବେ ଜପେ
କେନ୍ତା କରି ଜଳନ୍ଧର୍‌କେ ମାରି ପାର୍‌ବେ ସେ ଶଙ୍କର୍ ।୬।

ଭୁଇଁକେ ଆଡ଼୍‌ରି କଟାବୁଟା      ହଇଁ ଯାଉଛନ୍ ବସାଉଠା
ସେ କଥା ନୁ ପଦେ ଅଧ୍‌ରେ ଶୁନି ପାର୍‌ସନ୍ କି ନାଇଁ
ହେଲେଁ ବି ସେ ମବାର୍ ସାନ୍      ସୁଁରୁ ସୁଁରୁ ପଡ଼ଲା କାନ୍
ଢ଼େର ଯାଏ କେ ରଙ୍ଗି ରଙ୍ଗି କେ ଲମୁଛେ ଶୁଇଁ ।୭।

ସେ ଦୁହିଁକର୍ କଥା ବାର୍ତା      ଘଡ଼େ ଛନ୍‌କେଁ କାଏଁ ଖର୍ତା
ଅସର୍‌ଲା ସୁତା ମେତାଲ୍ ଲମିଛେ ଯେ ଲମିଛେ
ଗଙ୍ଗା ଯେନ୍ତା ହେମାଳୟନୁ      ବାହାରି ବୁହେ ଅନୁଖନୁ
ସମୁଦର୍ ଥିଁ ସବୁ ସମିଯା   ସମିଛେ ଯେ ସମିଛେ ।୮।

ଉମା କହେଲେ "ଜଗତ୍ ପତି !      ସତର୍ ସତି ବୃନ୍ଦାବତି
ମୁଇଁ ନୁହେ ଖାଲି ତାକର୍ କାଣ୍ଡି ଯେ ହେଲେଁ ବି ଗାଏବେ
ମରିଗଲେଁ ବି ନାମ୍ ତାକର୍      ପୂଜି ହେବେ ଜଗତ୍ ଯାକର୍ "
ଇ ଜନ୍ ବେଲ୍ ଯେତେଦିନ୍ ତକ୍ ଉଦି ବୁଡ଼ି ରହେବେ ।୯।

ହେଲେଁ ପର୍ଭୁ ତାକର୍ ପତି      ଉତ୍‌ପାତ୍ ଅତି ନୁ ଅତି
ସତି-ସଂସାର୍ ଉଜ୍‌ଡ଼ରିବା ସେ ଜାଣିଥିବା ଯାଏ
ସତି ମାନ୍‌କୁଁ ନୁଣ୍ଡି ନୁରି      ସତୀପନ୍‌କେ ହୁରି କରି
କରୁଥିବା କାଏଁ ହଏ ହୋ ହରି ! ଖୁବଦେଖି ଘାଏ ।୧୦।

ଗୁଟେ ସତିପନ୍‌କେ ବଞ୍ଚିଁବାକେ      ତାର୍ ଥିନ୍ତକେ ପୁଞ୍ଜିଁଶିବାକେ
ଜିନ୍‌ଷ ଲୁକେଁ ଆର୍ ନାଇଁ ରହେ ସତୀପନର୍ ଚିହ୍ନା

ଅଧରମ୍ ତ ବଡ଼େ ବଡ଼େ    ଧରମ୍‌ର ଉଡ଼ାଲେଁ ବଡ଼େ
ଧରମ୍ ରକ୍ଷାକାରୀ ଯିଏ ହଇଁଯାଏସି ଜନା ।୧୧।

ଧରମର୍ ଉଧାକେ ନେଇ    ଅଧରମ୍ ଯଦି ହୁଏ ସୁଇ
ସେ ଧରମ୍‌ଟା କହ ହେଲେଁ କେନ୍ ଧର୍ମେ ଲେଖା ଆଏ
ଗୁଟେ କର୍ମର୍ ଖୁଟେଲେଁ ଫେର୍    ଅଧରମ୍ ଯଦି ହେବା ଢେର୍
ସେ କରମ୍‌କେ ସତ୍ କରମ୍ କହେବା ଯେ ଜଖା ଆଏ ।୧୨।

ହେ ମହାପ୍ରଭୁ ! ହେଥିର୍ ଲଗି    କେଭେଁ କିଛି ନାଇଁ ମାଗି
ଦେବ ବଏଲେଁ ହାତ୍ ପସାରିଁ ଆଜିର୍ କିଛି ମାଗୁଛେଁ
ଜଲନ୍ଧର୍ ଲେଖେଁ ଅତ୍ୟାଚାରୀ    ଥିଲେଁ ମୋର୍ ମେତାଲ୍ ନାରୀ
ଦରଦ୍ ମଥା ମନର୍ କଥା ଆଖିର୍ ପାନି ପାଗୁଛେଁ ।୧୩।

ଚନ୍ଦ୍ରାମଣି ! କେନ୍ତାକରି    ଜଲନ୍ଧର୍‌କେ ହେବା ମାରି
ସେଥିର୍ ଉପେ ଯାହା କରିବ କଣ୍ଟକ ତାହୁର୍
ଧର୍ତୀକେ ହେଲା ଭାରି    ନାଇଁ ପାର୍‌ବାର୍ ଧୀରଯ୍ ଧରି
ଦନ୍‌କେ ଦନ୍ ତାର୍ ଉତ୍ପାତ୍ ବଢ଼େ ବହୁତ୍ ବହୁତ୍” ।୧୪।

ବିଷ୍ଣୁ ବଏଲେ “ବନେ କଥା    କହେଲ; ହେଲେଁ ଜଗତ୍‌ମାତା
କେନ୍ତାକରି ନେଁ ବନ୍‌ବାର୍ କଥାଟାକେ ବନାମା
ସତୀ ଧରମ୍ ତ ଧରମ୍ ବାଗିର୍    ଦିଶୁଛେ ଇ ଜଗତ୍ ଲଗିର୍
ସେ ଧରମ୍‌କେ ଅଧରମ୍ ବଲି କେନ୍ତା କରି ଜନାମା ।୧୫।

ସତୀ ଆନ୍ ତ ବୃନ୍ଦାବତୀ    ମରିବା କେନ୍ତା ତାକର୍ ପତି
ରାଆଁଡ଼ି ହେବା ଯଦି ସତେଁ    ସତୀ-ରାଏଜର୍ ରାମା
ସତୀ ବରତ୍‌ଟା ମୂଲୁଁମେଟି    ଯିବା ନାଇଁ କାଏଁ ଜଗତ୍ ମାଟିଁ
ବଦ୍‌ନାମିଆଁ କଥା-କଟାରେଁ ଲୋକ୍ ଦେବେ ନେଁ ହାନି ? ।୧୬।

. . . . . . . . . . . .

–୧୨–

ମହାପ୍ରଭୁକର୍ କଥା ଶୁନି    ମାହେଶାରୀ ଫେର୍ କହେଲେ
ହାତ୍ ଦୁଇଟା ଯୁଡ଼ିକରି    ବନେକରି ଠିକେ ଲୁହେଲେ    ।୧।
“ବିରାଟ୍ ତୁମେ ନିରାଟ୍ ସତ୍    ନିର୍ଗୁଣ୍ ରୂପେଁ ଚେତା
ଆନନ୍ଦ୍ ଛଡ଼ା ତୁମର୍ ରୂପ୍ ଆନ୍ କିଛି କାଏଁ ହେତା ?    ।୨।

ସବୁ ଯିବାର୍ ଗତି ତୁମେ   ସବୁ ଥିବାରେଁ ଥିତି ଅ
ଇ ଜଗତର୍ ଗତ୍ ସତେଁ   ସବୁ ନିୟତର୍ ମିତି ଅ ।୩।
ସବୁ କାମର୍ କର୍ତା ତୁମେ   ସବୁ କବାରର୍ କାରନ୍
ସବୁ ଜୀବେଁ ଜୀବନ୍ ଏକା   ସବୁ ମର୍ବାର ମାରନ୍ ।୪।

ସବୁ ହେବାର୍ ହେତୁ ତୁମେ   କା’ଣା କଏ ହେତାବା ?
ତୁମର୍ ମନେ ସବୁ ହେସି   କଏ କାଁ ବଲ ବତାବା ? ।୫।
ହଅନ ଯାହା ନଷ୍ଟେ ହେବା   ଆଗ୍ତରଆ ବାନ୍ଧିଛ
କେନ୍ଠା କରବ କା’ର୍ ହାତେଁ ଭାବ ଚନ୍ତି ଫାନ୍ଦିଛ ।୬।

ଯାହା ରୁହେଁସ ତାହା ହେସି   ଯେ ଜାନେ ସେ ସୁମ୍‌ରେ
ଇ ସଂସାର୍ ଡପ୍‌ଲା ଶେଯେଁ   ବେଡ଼ା ବସି ଝୁମ୍‌ରେ ।୭।
ଧନ୍ କାଲ୍ ତାର୍ ନୁହେ ହଏ କାଏଁ ମାନ୍ ଆଗୁଷ ଜଳନ୍ଧର୍
କାହାର ଆଡ୍‌କେ ନଧା ନାଇଁ ତାର୍ ବାହା ପିଠୁଛେ ବହଙ୍ଗର୍ ।୮।

ପୁଞ୍ଜିକର ପାଏଲା ବଲିଁ   ବୁନ୍ଦ ବିଶର୍ ଧରମ୍‌କେ
ଚୁଝି ଚୁଝି ଉଜ ନଉଛେ   ନିଜର୍ ଲାଜ୍ ସରମ୍‌କେ ।୯।
ଆଜିର୍ କଥା ଶୁନ୍‌ଲ କି ନ   କହେଲିଁ ଆଗେଁ ତମର୍
ବେସରମ୍‌ଠା ବେଶ୍ ବାଁଧିକର କାଡ଼ିକର୍ ବାଆର୍ ଆମର୍ ।୧୦।

କଏଲାସ୍‌କେ ଆସିଥିଲି   ହଏଗାନ୍   କରଥିତା
ମୁଇଁ ଆର୍ କାଏଁ ମୁହଁ ଦେଖାତିଁ   କଥା ସରଥିତା ।୧୧।
ହେଁଠା ଭାଏଲ୍ ତାର୍ ମରନ୍ ବାଠ୍ ଆପେଁ ଆପେଁ କହେଲା
ଜୀବନ୍-ନଏଦ୍ ହେତ୍‌କ ବେଲୁଁ   ଉଲ୍‌ଟିଆ କାଏଁ ବହେଲା ।୧୨।

ଧର୍ମର୍ ଟିକେ ଛୁଗୁ ପାଇଁ   ଦେଖାଂ ତ ଅଧରମ୍‌କେ
ଧର୍ମର୍ ବେଁକ୍ ମୁକୁଟୁଛେ   ମସ୍‌ମସାସି ମରମ୍‌କେ ।୧୩।
ଅମୃତ୍-ମଠିଆର୍ ଉଲେଁ ଉଲେଁ ବିଷର୍ ଗଛ୍‌ଟେ ବଢ଼ୁଛେ
ମଠିଆ ଆଇ ଅମୃତ୍ ଟିକ   କାତ୍‌ଲେଁ କଥା ଛୁଡ଼ୁଛେ ।୧୪।

ପାବଛର୍ ଇ କଥା ପଦ୍‌କ   ବିଷ୍ଣୁର୍ ମନ୍‌କେ ତୁକ୍‌ଲା
ଧର୍ମାଧର୍ମର୍ ଭରମ୍ ଯାହା   ଧାନ୍ କହେଁ କେ’ନ ଲୁକ୍‌ଲା ।୧୫।
ବିଷ୍ଣୁ କହେଲେ "କମ୍ ଅଖ୍‌ରେଁ ବନହାଁ କଥା ପାର୍‌ବତୀ !
କହ ପାର୍‌ସ ବଲିଁ କହେସନ୍ ତୁମ୍‌କୁଁ ମହା ସର୍‌ସତୀ ।୧୬।

କଟା ତଲର୍ ଗସ୍ ମେଟାଲ୍   କଥା ଭିତରର୍ ରସ୍ ଆଏ
ବାହାର୍ କଣ୍ଟ ବାଆଁରି ଖାର୍ଲେଁ ଜୀବନ୍ ଅଏନ୍ ସରସ୍ ଆଏ ।୧୭।
ଯାଉଛେଁ ମୁଇଁ ମାହେଶଗ୍ରା ଗୋ  କର୍ମା ଯାହା ଦଶ୍ବା
ତୁମର୍ ଉହାଟ୍ ମୋର୍ ଅକଲ୍   ଯେନ୍ତା କଲେଁ ମିଶ୍ବା"   ।୧୮।

. . . . . . . . . . . . .

## —୧୩—

ପୁଥୀ' ରାମ୍ପ   କଲା ମିସ୍ମିସ୍   ଅଁଧାର୍-ଶାଢ଼ୀ ପିନ୍ଧିଛେ
ତରା-ଫୁଲର୍ ବୁଟା ସର୍ସର୍   ଜେନ୍ ବୁନ୍କାର୍ ବୁନିଛେ   ।୧।
ଡ଼ଙ୍ଗର୍ ତଳେଁ ଅଙ୍ଗର୍ ପନର୍  ଘାଏକେ ଘାଏ ଝାଁଟୁଛେ
ପଦର୍ ଦେଖି   କର୍ ଲେହେଟି ହିଁ କାଶର୍ ହାଇ ମାରୁଛେ   ।୨।
ଆକାଶ୍-ବାଗଲେଁ ଦଗର୍ ମୂଳେଁ ତଲଆ ଖୁଷା ଖୁସୁଛେ
ମନ୍ କଲେଁ ଘାଏ ଜୁଲ୍ଜୁଲଆ-ମୁହେଁ ମୁଲ୍କ ହସା  ହସୁଛେ   ।୩।
ତାହାକେ କାଏ  ଡ଼ାକ୍ଲା ବାଗିର୍   କରୁଛେ କାଏଁ ଆଏଁ
ସେଠା  ଶୁନି   ଲୋକ୍ ବଲୁଛନ୍   ରାଏର୍ କରୁଛେ ଝାଏଁ   ।୪।
ଜନ୍ ଠାଁ ଆଙ୍କର୍   ନାଇଁନ ବଲ୍   ମନ୍ ଠା ତାର୍ କେଡ଼େ ଦୁଖ୍
କାହାର୍ ସାଙ୍ଗେଁ   ମୁହାଁମୁହିଁ ବସି   ହେବା  ଦୁଖ୍ ସୁଖ୍   ।୫।
ରାଏରଟେଶ କାଏର୍ କୁଲହା-ମୁହେଁ   ହୁକେ ହୋ ଡାକୁଛନ୍
ଓ କର କାଏଁ   ଗାଁ ଭିତ୍ରୁ   କୁକୁର୍ ଭେ ଭେ  ଭୁକୁଛନ୍   ।୬।
ତରେ ମାନକୁଁ   ନଦେଁ ଗଡ଼େଇ   ଜାଉ ତରେଠା ଚେତିଛେ
ସଟେ ଘଟେକେ   କେନ  ଅଛେ   ତାର୍  ସମିଯ୍ଁ ଘାଣ୍ଟିଛେ   ।୭।
ମଣି ମାଣିକର୍   ଉକଆ ଜଲେ   ରାଜ୍ମହାଲର୍   ଭିତ୍ରେଁ
ଅପ୍ସରଁ ଯାଏ   ଅଁଧାର୍ ସେ'ନୁ  ନୌ ରହପାରେ ସୁତ୍ରେଁ   ।୮।
ହେଁଥିର୍ ଲାଗି      ଫଟିକ୍ ଦିଶେ   ବୁଦ୍ଧି' ରାମାର୍ ଦିଷ୍ଟ୍ ଠା
ସାରା ସଂସାରର୍  ରୂପ୍-ମହଲର୍  ଆଏ କାଏଁ ସେଠା ନଷ୍ଟା   ।୯।
ମଣି ମାଣିକର୍   ଉଜାଲ୍ ଜିତି   ଦିଶେ ଦହର୍ ବରନ୍
ଧଏନ୍ ଧଏନ୍ ସେ ବିଧାତା ଯେ  ଗଢ଼୍ହିଛେ ଇ ଗଢ଼୍ହନ୍   ।୧୦।
ହାତି  ଦାଁତର୍ ପଲଁକ୍ ଉପ୍ରେଁ  ସୁତର୍ ଶରୀର୍ ଝଁଟ୍କୁଛେ
ଧୋବ୍ ଫର୍ଫର୍ ବାଦଲ୍ ତଲେଁ ବିଜୁଲି ଗାରେ କାଏଁ ଅଟ୍କଛେ ।୧୧।

ଗଙ୍ଗାର୍ ଧୋବ୍ ଧାରେଁ ଚଁପାର୍ ହାର୍ ପକେଇ କେ ଦେଖୁଛେ
ରୁପାର୍ ପର୍ଲ ପକେଇ କେ କାଏଁ ସୁନାର୍ ହାର୍‌କେ ଖୁଜୁଛେ ।୧୨।
ମନ୍ ବୁଲୁଛେ କାହିଁଠା କାହିଁ ତନ୍ ପଡ଼ିଛେ ପଁଲ୍‌କେଁ
ରାମା ହଉଛନ୍ ଘାଁଟି ସାନ ନଦ୍ ନାଇଁ ପଡ଼େ ପଲ୍‌କେଁ ।୧୩।

ପତି ଯାଇଛନ୍ ଲଟେଇ କତି ଅଏରି କଏଲାସ୍ ପତି
କେନ୍ତା ହେବା କେନ୍ତା ନାଇଁ ହୁର୍‌ଗୁନ ହଉଛନ୍ ସଙ୍ଗ ।୧୪।
"କହେ କାହାକେ ମାନନ୍ ନାଇଁ କାଏଁ ଲଟେଇ ଯେ ଲଡ଼୍‌ଛନ୍
ଦୁହି ପକ୍ଷୁଁ ସଏନ୍ ସାମଁତ୍ ଗଦା ଗଦା ତ ଗଉ଼ଛନ୍ ।୧୫।
ଲଖ୍ ଟୂର ମୋର୍ ବର୍କସ୍ ଥାଉ ହେ ପତି ପର୍ମେଶର୍
ଧକ୍ ଧକାଉ ଥାଉ ମୁଡ଼େଁ ମୋର୍ ସେନ୍ଦୁର୍ ଅଠିପର୍ ।୧୬।
ଦେହ୍-ଦଉଲର୍ ଦେବ୍‌ତା ତୁମେ ମନ୍-ମୁଲ୍‌କର୍ ରଜା
ଗତି ମୁକ୍ତି ସବୁ ତୁମେ, ତୁମେ ମୋର୍ ପୂଜାଧଜା ।୧୭।
ତମ୍‌କୁଁ ଛାଡ଼ି ଆର୍ ଦେବ୍‌ତା କହେ ଥିବାର୍ ଜାନେ ନାଇଁ
ତମର୍ ବିନା ମହାପ୍ରଭୁ ମୋର୍ ଥାଉ କେ ଥାଉ-ମାନେ ନାଇଁ ।୧୮।
ରାଏତ୍ ଆଉଛେ ପାହି ପାହି ଲିଭି ଯାଉଛନ୍ ତରା
କେ ଲିଭେ ଖାଲି ମୋର୍ ଭିତରେଁ ଜଟିଲ୍ ଯେନ୍ ଅଁତ୍ରା ।୧୯।
ଘାଏ ହଉଛେ ଛୁଏ ନଦଆ ଥିଲିଁ ଦଉକର୍ ମାଏନ୍
ତମେ ଆଏଲ ରଜା ମୁହେଁ କେ ଥାଇଁ ତ ପାଏନ୍ ।୨୦।
ଦେହ୍ ମୁଣ୍ଡ୍ ସବୁ ତେଲ୍ ସର୍‌ସର୍ ତଲେଁ ପଡ଼େ ଥିପି
ବାସ୍ ବସ୍ତର୍ ଦେହେଁ ନାଇଁ ଫେର୍ ଥିଲି ପୁଡ଼ର୍ ପିଠି ।୨୧।
ଦଖିନ୍ ଦେଗେଁ ମୁହେଁ ଥାଇ ମନ୍ଦାର୍ ମାଲ୍ ବେକେଁ
କଠା ମୁଣ୍ଡ୍‌ଟେ ହାତେଁ ଉଲ୍‌ମେ ଅଏଲ୍‌ଖନଆଁ ଲେଖେଁ ।୨୨।
ସେତ୍‌କି ବେଲ୍‌କୁଁ ବାଏବଗ୍ରେ ମନ୍ ହଏ ଘାଁଟି ସାନ
ସତ୍ ଆଏ କି ସପନ୍ ଆଏ କେ ପାର୍‌ବାର୍ ଜାନ ।୨୩।
ଭୁଜନ୍ ଗୋଡ଼୍ ଭୁଜନ୍ ବାହା ଭୁଜନ୍ ଆଏଁଖ୍ ଫର୍‌କୁଛେ
ନଜ୍‌ରେ କେ ଦେଖ୍‌ବାର୍ ତକ୍ ଅଦବା ମନ୍ ଦର୍କୁଛେ" ।୨୪।
ରାଏତ୍ ଯାଉଛେ ରାଏଜ୍ ଛାଡ଼ି ଅଁଧାର୍ ସବୁ ସଁଖ୍‌ଲୁଛେ
ରାମର୍ ମୁଡ଼େଁ ଅଛେ ଟିଁଡ଼େ ଯାଏତା କାଏଁ ଉଟ୍‌ଲୁଛେ ।୨୫।

ଘରର୍ ଅଗେଁ ଘର୍ମା ମାନେ ଦେଲେ ପାହାଁଡ ଛସି
ନଢା କଲେଁ ଦଶ୍‌ଲାନ ଭ ମହଲ୍ ସିଢେଁ ଖସି |୨୬|
ସିଧା ମହଲ୍ ଉପ୍‌ରେଁ ହାଏ ! ବସି ନେଇଛେ ଗିଧାଟେ
ଘୁରି ଆଉଡ଼୍‌କେ ବୁଲାଇ ନଉଛେ ନର୍ଭଏ ଥିଁ ନଢାଟେ |୨୭|

ବଜ୍ ଦୁଆରେଁ କୁଆର୍ ରାଏଜ୍ କେତେ ହୁଟା ହୁଆ
ନୈ ବାହାରୁନୁ ରମାର୍ ମୁଣ୍ଡେଁ ବସିନେଲାନ କୁଆ |୨୮|
ଗୁହାଲେଁ ଗୁହାଲେଁ ଗାଏ ଭଏଁସ ମରି ଘଣ୍ଡଆ ରଉଛନ୍
ନରହା ମାନେ ପାଖ୍‌କେ ଗଲେଁ ଯୁଡ଼ା ଲାତ୍ ଝାଡ଼୍‌ଛନ୍ |୨୯|

ଅମଙ୍ଗଲର୍ ସୂଚକ୍ ଦେଖି ରାମାର୍ ଜୀବନ୍ ଡ଼ରୁଛେ
ପୁ ଛୁଥିଲେଁ ବି ଆଖିର୍ ପାଏନ୍ ମନା ନୈ ମାନ ଝରୁଛେ |୩୦|
ପାଏନ୍ ନୈ ରହେ ଆଖିଁ କ ମନ୍ ନୈ ରହେ ମହଲେଁ
ମହଲ୍ ଛୁଡ଼ି ବାହାରି ପଲେ ନାଇଁ ମାନନ୍ ଯେ କହେଲେଁ |୩୧|

. . . . . . . . . . . . .

–୨୪–

ଘର୍ କଞ୍ଜାଲ୍ ଟାଲଟାଲ ଖାଲି ପାଦେଁ ଚୁଲି ଚୁଲି
ରାମା ମନେ ଘାଲଘାଲ କେନ୍‌କେ ଯିବେ ଯେ ଯାଉଛନ୍;
ଦାସୀ ଦୁଇଜନ୍ ସାଁଗେ ସାଁଗେ ଝନେ ପଛେଁ ଝନେ ଅଗେଁ
ବେଲ୍ ବେଲ୍ ଧରି ଲଗେଁ ଲଗେଁ ଧଡ୍‌ପଡ଼ାନୁ ଧାଉଁଛନ୍ |୧|
ବେଲ୍ ଉବେଲ୍ ନାଇଁ ଜାନ କାଁଟା ଝୁଁଟା ନାଇଁ ମାନ
ଆଖିଁ ଅଛେ ଆଖିର୍ ପାନ, ମନ୍ ଅଛେ ପତିର୍ନ;
ପତି ସିନା ସତୀର୍ ଧନ୍ ପତିର୍ ବିନା ସତୀର୍ ମନ୍
. କେ'ନ ହେସି ଛନ୍‌ଛନ୍, ଆର୍ କେନ୍ ସଂପତିର୍ ନ |୨|
ରାଜ୍‌ମହଲ୍ ରହେ ଦୂରଆ କାହିଁହେଲେଁ ଗୁଟେ କୁରଆ
ନାଇଁ ଦଶ୍‌ବାର୍, ସବୁ ପରଆ ଗଛେଁ ଗଛ୍ ଭିଡ଼ିଛନ୍ |
କେନ୍ ଗଛ୍‌କେ କିଏ ଆବ୍‌ରେ କାହାର୍ ଉଧେଁ କିଏ ସଁଭ୍‌ରେ
ଭଡ଼୍ ଭଡ଼ୁଁ କେ ଉବ୍‌ରେ କାହାକେ କେ ଧରିଛନ୍ |୩|
ସବେ ସମ୍‌କୁଁ ସହି ଲହି ସବେ ଅଛନ୍ ସମ୍‌କୁଁ ଚୁହିଁ
କେ ଠିଆ ତ କିଏ ଲୁହିଁ 'ତୋର୍' 'ମୋର୍' ଭାବ୍ ନାଇଁ |

କାହାର୍ ଦତେହିଁ କାହାର୍ ଡ଼ାଲ୍  ବାଜଲେଁ ଭ ସବୁକାଲ୍
ନାଇଁନ କେବେଭେଁ ଗୁଲ୍‌ମାଲ୍  ଗଗ୍‌ ରଶ୍ମି କାହିଁ ?  ।୪।
କେତେ ଗଛର୍ ଡ଼ାଲେଁ ଡ଼ାଲେଁ  ଲହ ଲହିଁପେ ଗେଲେଁ ଗେଲେଁ
ବାଙ୍ଗର୍ ବୁଠା ସାଙ୍ଗର୍ ମେଲେଁ  ମୁଲ୍‌କହସା ମାରୁଛନ୍;
କେ କହେ କାଏଁ ଜୁନ୍‌ହା କଥା  ଭାବି ନାଇଁ ହୁଅ ଅଥା
ଘୁଡ଼ ବଲିଁ ମୋର୍ ମେତାଲ୍,  ଶୁଖା ପତର୍ ଖାରୁଛନ୍  ।୫।
କେନ୍ ଗଛ୍ ଖାଏଲ୍ ପିକ୍‌ଉଛେ  ନୂଆଁ ନଶା ନ ଝୁଁକଉଛେ
ଦୁଖ୍ ଦରଦ୍‌କେ ଲୁକ୍‌ଉଛେ,  ଯେ ଦେଖ୍‌ବା ତାର୍ ।
ଦେଖି ଦେଖି ବୃନ୍ଦାବନ  ଜାନ ଭ ନାଇଁ ପାରନ୍ ଜାନ
ଯହିଁରେ କେତେ ସୁଖର୍ ପାନ,  ଇ ଗଛ୍ ସଂସାର୍  ।୬।
ଇ ସଂସାରେଁ ଲଢ଼େଇ ନାଇଁ  ବଡ଼୍ ଅଛନ୍ ବଢ଼େଇ ନାଇଁ
ସାନ୍ ଦେଖି ବ ଛଢ଼େଇ ନାଇଁ,  ଇନ କାହାରିର୍ କଏ ।
ଗାଏଲ୍ ଝଗର୍ ମାର୍ ଧର୍  କୁହାବୁଲ୍ କ କର୍‌ବର୍
ଟିକେ କାହିଁ ନଜ୍ ପର୍  କହେ ଦେଖନ୍ ନହେ  ।୭।
ଆସିକରି ବ ଇ'ଠାନେ  ଦେବ୍‌ତା ଅସୁର୍ ମୁନୁଷ୍‌ମାନେ
ନାଇଁ ବୁଝନ୍ ଇ କଥାର୍ ମାନେ,  ବଡ଼ା ଦୁଖର୍ କଥା ।
ଘାଗ୍ ଜୁଏ ଥିଁ ସୋଜ୍ ସୋଜ୍  ପୁଡ଼ି ମରୁଛନ୍ ରୋଜ୍ ରୋଜ୍
ମୁଡେଁ ବୁଝି 'ମୁଇଁ'ର୍ ବୋଝ୍  କେତେ ହେସନ୍ ଅଥା  ।୮।
ଆଗେଁ ରାମ ଦେଖ୍‌ଲେ ଡ଼ଙ୍ଗର୍  ମୁଲ୍ ମୁଠା ସିଘ୍ ଲଗର୍
କାହିଁ ନାଇଁନ ଗୁଟେ ଡ଼ଗର୍  ଚଢ଼୍‌ଲେ ବ ତଥାପି ।
ବାଠ୍ ହେଲେଁ କାଏଁ ଉସ୍‌ରୁଛେ  ଝାଲ୍ ପଶ୍ ପଶ୍ ପସ୍‌ରୁଛେ
ଗୋଡ଼୍ ଘାଏ ଘାଏ ଖସ୍‌ରୁଛେ  ହାତ୍ ହଉଛେ ଥାପି  ।୯।
ଦାସୀ କହୁଛନ୍ କାଁ କରି ମା !  ଡ଼ଙ୍ଗର୍ ଚଢ଼ି କାଁ କର୍‌ମା
କେତେବେଲେଁ ଫେର୍ ଫିର୍‌ମା,  ବେଲ୍ ବାଟେଁ ବେଲ୍ ଢ଼ଲ୍‌କୁଛେ ।
କଥା ନାଇଁ କ ଭାଷା ନାଇଁ  ପିଡା ନାଇଁ କ କଷା ନାଇଁ
ରାମର୍ ମନେ ଆଶା ନାଇଁ,  ଆଖିଁ ପାଏନ୍ ଛଲ୍‌କୁଛେ  ।୧୦।
ଦେଖି ପାଏଲେ ଏତେବେଲେଁ  ଟେରେ ଦୁଇଠା ଗଛର୍ ଡାଲେଁ
ବସି ରହିଛନ୍ କଲେଁ କଲେଁ  ବଅଁକରି ବାଜ୍ ଆଏଲା ।

ଦୋଷ୍ ନାହିଁ କି ଗୁନ୍‌ହା ନାହିଁ   ଜନା ନାହିଁ କି ଶୁନା ନାହିଁ
        କାହିଁ କିଛି କଟ୍‌କନା ନାହିଁ,   ଟରେ ପଟେକେ ଧଏଲ ।୧୧।
ଆର ପଟ୍‌କ ଉଢ଼ ଉଢ଼   ନୁଶ ନୁର ସାଙ୍ଗର୍ ଯୁଢ଼
        ଛାର୍ ଭଷାନ ରଢ଼ ରଢ଼   ଯାହା ପାର୍‌ଲ କାନ୍ଦୁଛେ
ସୂଜ ପଡ଼୍‌ଲେଁ ଠନ୍‌ଠାନ୍ .କଲ ବାଗିର୍ ଶୂନ୍‌ଶାନ୍
        ଗଛ୍ ପତର୍ ତ ଛୁନ୍‌ଛାନ୍   ବମିର୍ ଭିତର୍ ଝୁନ୍ଦୁଛେ ।୧୨।
ସଞ୍ଝାର୍ ଛୁଡି ଧକ୍‌କଲା   ଅମାନଆଁ ମନ୍ ସକ୍‌କଲା
        ଅମଙ୍ଗଲ୍ ଆଡ଼୍‌କେ ଠକ୍‌କଲା   ଧାଇଁଗଲା ଛୁର୍‌ତି ।
ଏତ୍‌କି ବେଳେଁ ଯୁଦ୍ଧେ ରାକସ୍   ଧୁମ୍‌କଲଆ କୁହା ଖଖସ୍
        ଆଏଲେ ଭରଭରା ଚୌକସ୍   ଧମ୍‌କିଁ ଗଲା ଧର୍‌ଣି ।୧୩।
ଦଅଁରପୁରୁ ଦେହେମାନ୍   ଟେଲାନ ନୁ ଭି ବଢ଼େ କାନ୍
        ଦାନୁଁ କଷ୍‌ନା ହେବା ସାନ୍   ଡାଲ୍ ମେଡାଲ୍ ଢେଙ୍ଗ୍ ।
ଛୁଡିମାନ୍‌କେଁ ଯେନ୍ତାକରି   ବନାଲେଁ .ବନ୍‌ବା ଚୌଶି ବଖ୍‌ଶି
        ଯାହା ଅଛେ ଆଏଁଖ୍ ବଳକରି   ଯୁଦ୍ଧେ ଢ଼ୁଡ଼ା ବେଙ୍ଗ୍ ।୧୪।
ରଢ଼ନେଲେ ସେ ଯେଡ଼୍‌କି ଛୁଡ଼ୁଁ   ହଲ୍‌ଲେ ସଭେ ଗୁଡ଼ୁମୁଡ଼ୁ
        ଝାଲେଁ ହଇଁ ସୁଡ଼ୁବୁଡ଼ୁ   ଧାଏଁଲେ ଜୀବନ୍ ନେଇ ।
କଁଠା ଖୁଣ୍ଟା ଧରି ଧରି   ଶାଢ଼ୀ ହେଲେ ଚରି ଚରି
        ଦେହେ ହେଲା ଖାରି ଖାରି   ରକତ୍ ଝୋଲ୍ ହେଇ ।୧୫।
ଡିନ୍‌ଠା ଜନ୍‌କେ ଦୁଇଠା ରାହୁ   କୁଦ୍‌ଉଛନ୍ କାଏଁ କୁଟି କାହୁଁ
        ଶୁନଛେ କେ କାଏଁ କାହାର୍ ମୁହୁଁ ? ସଥେଁ ବାଗିର୍ ଦିଶୁଛେ ।
ଟାହାଡ଼୍ ଦୁଇଠା ଦଉଡ଼ୁଛନ୍   ଝର୍ ମାନେ କାଏଁ ଠହରୁଛନ୍ ?
        ଆଗୋ ଆଗୋ ସେ ପଲଉଛନ୍   ଏନ୍ତା ମନ୍‌କେ ଆସୁଛେ ।୧୬।
ଦାସୀ ମାନ୍‌କର୍ ସଙ୍ଗେଁ ସଖି   ପଲେଇ ଆଏଲେ ଯେନ୍ କୁଡି
        ସେନ ଝନେ ମହାନ୍ ଯତି,   ଯୋଗ୍ ଧିଆନେ ବସିଛନ୍ ।
ଯେନ୍ ରସ୍‌ନ ପଶ୍‌ଲେଁ ଯାଏ   ସଁସାର୍ ଛାଡ଼ି ନୈ ପାରେ ଛୁଏ
        ଯେ'ନୁ ଫିର୍‌ବାର୍ ମନ୍ ନୈ ଥାଏ   ସେ ରସ୍‌ଥିଁ ରସିଛନ୍ ।୧୭।
ଦେଖୁନ୍ ଦେଖୁନ୍ ସେ ଠାନେ   ଘୁଞ୍ଚିଁ ଚଗଲେ ଅସୁର୍‌ମାନେ
        ତାକର୍ ରୂଢ଼ ଯତିର୍ କାନେ   ପଡୁନ୍ ଭଙ୍ଗ୍‌ଲା ଧିଆନ୍ ।

ମଁଣ୍ଡୁରୁ ଥିଲା କେ'ନ ମନ୍   ଫେରି ଆଏଲା ସଙ୍ଗେଁ ସଙ୍ଗ
ଚଣି ଗଲା ଫେରୁ ଅଙ୍ଗେଁ ଅଙ୍ଗ୍,   ଢହେଁ ଦେହେ ଗିଆନ୍ ।୧୮।

. . . . . . . . . . . . .

—୧୫—

ଯୁଗୀ ଯେନ୍ତା ଜାଗଲେ କି   ଅସୁରୁ ଦୁହେ ଖାଗଲେ
କଏ ଜାନ୍‌ବା କେ'ନୁ ଆସି   କେନ୍ ଠାନେ ଯାଇ ଲୁଚ୍‌ଲେ ।୧।
ମନ୍-ମହଲେ ମଏଲା ଥିଲେଁ   ମାଲୁ ହେସନ୍ ଅସୁର୍
ଯଚ୍ଛେଁ ଆମେ ଯସ୍ତାଇ ହଇଁ   ବାଲ୍‌ସୁଁ କାଲି କସୁର୍ ।୨।

ମନ୍-ରାଏଜେଁ ରାଏତ୍ ଦେଖି   ଆସ୍‌ସନ୍ ଚରି ବୁଲି
ସେଥିର୍ ଲାଗି ରାଏତ୍‌ରସ୍ ବଲି   କହେସି ଆମର୍ ବୁଲି ।୩।
ବହେଇ ହେବା ମଏଲା, ଆଏଲେଁ   ମନ୍-ମୋହନ୍ ମନ୍‌କେ
ରାଏତ୍ ହେଲେଁ ଜାଏଁ ପଶି ପାରବା ଦିନବନ୍ଧୁ ଥିଲା ଠାନ୍‌କେ ।୪।

ଯୁଗୀ ଆଏ ଚଯ ତାରୁ ଲାଗି   ଜାନ୍ ରାଏତ୍‌ର ପରାଭେଦ୍
ନୈ ଥାଏ ବଲି କହେସି   ପୁରାନ୍ ବେଦାଙ୍ଗ୍ ସାଙ୍ଗେଁ କହେ ବେଦ୍ ।୫।
ମନ୍-ସୁତାଥୁଁ ମହାପ୍ରଭୁ ସଙ୍ଗେଁ ଯୁଦ୍ଧ ହେବାରୁଣ୍ଟା ଯୋଗ୍ ଆଏ
କୁଟେ ନ ଭ ଗୁଟେ ନୈ ଥାଆନ୍ ଜଗତ୍ ଲାଗି ଦୁର୍ଯୋଗ୍ ଆଏ ।୬।

ଅସୁର୍ ଡର୍   ମାଲର୍ ଘର୍   ସୁରେଁ ରହେଲେ ବନ୍ଦୀ
ପରାନ୍‌କେ ବି ଧାଖିରୁ ଥିଲେ   ସେ ତିନ୍‌ହି ପରାମ୍ନି ।୭।
ସଖି ସାଙ୍ଗେଁ   ଦାସୀମାନେ   ଯତି ପାଶ୍‌କେ ଖସିଲେ
ଯୁଗୀ ହେଣ୍ଡି   ଭୁଗିଥିବା   ଦଶା ସବୁ ପାଶିଲେ ।୮।

ଝାଏଁ ଜନ୍ମୁଛେ   ଝାର୍ ପଡ଼ୁଛ   ଢର୍ ପଡ଼ୁଛେ ନଝାଟ୍
ଝୁରୁମୁରାଇଛେ   ରାମାରୁ ଚେହେରା   ରୁଷିର୍ ଚେହେରା ଉଝାଡ଼୍ ।୯।
ଝୁରୁବୁରୁ ଜାହୁଁ   ଶୁଝୁଭେ ନାଇଁ   ଧୁକା ଝୁରୁ ଝୁରୁ ଧୁକୁଛେ
ନଅ ନାଇଁ ନଅ   ଆନନ୍ଦ୍ ରସ୍   ଯାହା ପାରୁଛେ ଚୁକୁଛେ ।୧୦।

ରୁଷିର୍ ଆଗେଁ   ଦାସୀ ସାଙ୍ଗେଁ   ରାମା ମୁଣ୍ଡ୍ ଲୁହାଲେ
କହେବାକେ ତ   ମୁହଁ ଫିଟେନାଇଁ ଆଖୁଁ ଲହ୍ ବୁହାଲେ ।୧୧।
ଉଦ୍ଧ ଆଏଲା   ବେଁଲର୍ ଆଗେଁ   ସଏଦ୍ ଫୁଟ୍‌ଲା ପଦମ୍
ଲହଁସି କଣ୍ଡ   କହେସି ଜାଏଁ   ରାଏତ୍ ସାରର୍ ଅଦମ୍ ।୧୨।

କହେମି ବଲିଁ ଖବ୍‌ଲେଁ ରାମ ନୈ ପାର୍‌ବାର୍ ହେଁକଉଛନ୍
ଦାସୀମାନେ ଖଏଲ୍ କାଁ କର୍‌ବେ ଧଁ ସଁ ହଇ ଧକଉଛନ୍ ।୧୩।
ହାତ୍ ପସାର ଋଷି କହେଲେ "କାଁ କର ଗୋ ଡ଼ରୁଛ ?
ସଡ଼କ୍‌ଦମ୍ ଠିଆ ହଇ ନଖେଁ ଭୂଇଁ ଚରୁଛ ।୧୪।

ମୋର୍ ଥାଆତେଁ ଦେଖ୍‌ମା ତ ଘାଏ କଏ କାଁ'ଣା କରୁବା
କାହାର୍ ଜୀବନ୍ ଶସ୍ତା ଅଛେ ଜାନି ଜାନି ସୋଜ୍ ମର୍‌ବା ? ।୧୫।
ଅଧୀର୍ ହେବାର୍ ସୁନ୍ଦର୍ ନୁହେ ଥିର୍ ହଇ ଘାଏ ରହନ ।
ଡ଼ର୍ ଖଏଲ୍ ଆର୍ କାହାକେ ଅଛେ ଯାହା କହେବାର୍ କହନ"।୧୬।

ରାମର୍ କଲ କଜଲ୍ ଗାର୍ ଆଖିର୍ ପାନି ଉହ୍ଲୁଛେ
ଆଏଁଖ୍ ପତାକେ ଡ଼େଗିକରି ଗାଲ୍ ମାନ୍‌କୁଁ ବହ୍ଲୁଛେ ।୧୭।
ଉଦା ଆଏଲା ବେଲ୍ ବାଗିର୍ ମୁଡ଼ର୍ ସେନ୍ଦୁର୍ ଟିକାଠା
କାଁ ହେଲା ଯେ କେତେବେଲ୍‌ଁ ଦଶେ ପଣ୍ଟା ଫିକାଠା ।୧୮।

ରାମର୍ କପାଲ୍-ଆକାଶ୍-କୂଲ୍‌ଁ ଉଦାଁ ଆଏଲା ବେଲ୍‌କେ
ଘିଚ ଆନି କେ ଖୁଚିନେଲି କାଏଁ ଜନ୍ଟେ ଏନ୍ତା ବେଲ୍‌କେ ।୧୯।
ହାଥି ବଏଲେ "ଯତି ମହାରଜ୍ ! ଆମ୍‌କୁଁ ଅଙ୍କର୍ ବଅଁଗୁଲ
ଡ଼ର୍ ସମୁଦରେଁ ବୁଡ଼ି ଯାଉଥିଲୁଁ ଖଏଣ୍‌କେ ଆନି ପୁହୁଁଗୁଲ ।୨୦।

ଯୁଗୀ ତୁମେ ସବୁ କଥା ଜାନ୍‌ବ ଯୁଗର୍ ବଲେଁ
ଚଡିର୍ ବିନା ସଷ୍ଟି କେନ୍ତା ଚଉସି କାଲ୍‌ବଲେଁ ।୨୧।
ଅଶୁଭ୍ ସପନ୍ ଦେଖି ରାତିଁ ପହ୍‌ଚେହ୍‌ନୁ ବାହାରିଛେଁ
ଏ ମା ! କେତେ ବୁଡ଼ି ଉଠ୍‌କି ଦରଦ୍-ନଦୀଁ ପହଁରିଛେଁ ।୨୨।

ବାପଭିକେ କାଏଁ ଡ଼ର୍‌ତେ ? ବୀର୍ ପତି ମୋର୍ ଲଢ଼େଇ କେ ।
ଯାଇ ଲଢୁଛନ୍ ଶିବର୍ ସାଙ୍ଗେଁ ; ପିବା ଖଏଲ୍ ଛଡ଼େଇ କେ ?।୨୩।

ଲଢ଼େଇର୍ ଖବର୍ ନୈ ପାଏବାର୍ ମନ୍ ହଏ ଘାଁଟି ସାନି
କେ ଜାନେ ମା ! ଲଢ଼େଇ ଠାନେ ଲାଭ୍ ହେବା କି ନୁକ୍‌ସାନ ।୨୪।

ଅଶୁଭ୍ ସପନ୍ ଦେଖିଲା ବେଲ୍‌ଁ ଅସୁଖ୍ ଲାଗେ କେତ୍ନି
ଛନେ ଛନେ କେ ଉଛନ୍ ମନ୍ ପାଏବାକେ ସେ ବାତ୍ନି ।୨୫।

ମୁନି ! ତୁମେ ମନର୍ ମୁନିବ୍ ଭୁର୍‌ତାଇ ଥିବ ମନ୍‌କେ
ଜାନ୍‌ବ ସବୁ ; ପଠାଇ ସବୁକାଲ୍ ସବୁ ଠାନ୍‌କେ ।୨୬।

ମନ୍‌ଟାକେ ମୋର୍ ମନାଇ ପାର୍‌ମି  ତୁମର୍ ଠାନୁ ଶୁନ୍‌ଲେଁ
ଜାନ୍‌ଟା ମୋର୍ ଆବେ ରହେବା  ଭଲ୍ ଅସାର୍ ଜାନ୍‌ଲେଁ” ।୨୭।
ଏତ୍‌କି ଶୁନି ମୁନି ମହାରାଜ୍  ଆଏଁଖ୍ ଦୁହିଟା ମୁଜ୍‌ଲେ
ମନ୍ ଭିତ୍‌ରେଁ ଅଁଡ଼ାଲି କରି  କଥା କା'ଣା ଆଏ ଖୁଜ୍‌ଲେ ।୨୮।

ସଏଦ୍ ଫୁଟା ପଦମ୍ ଫୁଲ୍ କାଏଁ ମୁହେଁ ଆନି କେ ବସେଇଛେ
କଅଁଲି କଅଁଲି ମେଞ୍ଚୁ ଦାଢ଼ିର୍  ଭମର୍ ଗୁହ୍ଟଡ଼େ ରସେଇଛେ ।୨୯।
କଲି ମିସ୍ ମିସ୍ ଭୂଲ୍‌ତା ଆଏ କାଏଁ କାମ୍‌ଦେବ୍‌ତାର୍ ଧୁନ୍
ଶର୍ କଷିଛେ  ସଜେଁ ପାଏଲେଁ  ମାର୍‌ବା ଅନାଧୁନ୍ ।୩୦।

ମଝ୍ କପାଲେଁ  ଚନ୍ଦନ୍ ଶତା  ଟିକାଟେ ତାର୍ ଭିତ୍‌ରେଁ
ମାଲିଆ ମେଘେଁ ଠାଢ଼୍ ମଙ୍ଗଲ୍ ମଲ୍‌କେ କାଏଁ ତାର୍ ବଁଭ୍‌ରେଁ ।୩୧।
କୁଚ୍‌କୁଚିଆ  କଲି ବାଲ୍  ଖନ୍ଧ୍ ଉପ୍‌ରେଁ  ପଡୁଛେ
କାଲି ନାଗ୍ କାଏଁ  ଗେଛେ ଛୁଆ  ତମାଲ୍ ଗଛେଁ ଗୁଣ୍ଡୁଛେ ।୩୨।

ହେହେଁ ଏକା ଦକ୍ କରୁଛେ  ପାହା ଚହ୍ନାଟେ କାହାର୍ ଆଏ ?
ମୁନିକେ କେ ଲାତ୍ ମାର୍‌ବା  ଇଟା ଅନ୍‌ମାନ୍ ବାହାର୍ ଆଏ ।୩୩।
ପିନ୍‌ହ୍‌ଲା କରିଆ ଗେରୁଆ ନୁହେ  ସୁନା ମେତାଲ୍ ହଲ୍‌ଦିଆ
ସୋଜ୍ ହେନେ ଅବ୍‌ଦିଥିତେ  ଆଏଜ୍ ତ ଆଖିଁ ଧୂଏଲ୍‌ଦିଆ ।୩୪।

ସବୁ ଚେରେଷ୍ଟା ଅଚଲ୍ ରଖି  ମୁନି ବସିଛନ୍ ଜବଦ୍
ସୋର୍ ଶବଦ୍  କାହିଁ ନାଏନ  ଖାର୍‌ଟା ପୂରା ତବଧ୍ ।୩୫।
ବନେ ଘଡ଼େ  ଗଲା ଉତ୍ରୁଁ  ଆଏଁଖ୍ ଦୁହିଟା ଫିଟାଲେ
ଧିଆନ୍ ଭିତ୍‌ରେଁ ପାଏଲେ କା'ଣା ମୁହଁ ଫିଟାଇ ହଟାଲେ ।୩୬।

ବୃନ୍ଦାବଣ ରାମ ! ତୁମେ  ସଣ ପୂରାପୂର୍ ସତ୍
ତ'ବ ତୁମେ  କେନ୍ କାର୍‌ନୁ ହେସ  ଏତ୍‌କି ଦହସତ୍ ।୩୭।
ମହିଁ ଗୁଟେ  କା'ଣା ଏନ୍ତା  ଅଡ଼ଚନ୍ କଥାଟେ ହେଲା ?
ସେ କଥାକେ  କଲ କାଏଁ  ପଛା କରି ଅବ୍‌ହେଲା ? ।୩୮।

ହେନ୍ତା କିଛି  କଥା ଥିଲେଁ  କହ ମୁହେଁ ତମର୍
ଶୁନ୍‌ଲା ପରେ  କରି ଦେଖିମା  ଆଏଦ୍ ଉପେ ଆମର୍ ।୩୯।
ଜଲନ୍ଧର୍ ତ  ଭୁକ୍‌ତି ଥିତା  ନଜର୍ କପାଲ୍ କରମ୍
ଏତ୍‌କି ହେନ୍  ବଅଁଚେଇଛେ  ତୁମର୍ ସଣ ଧରମ୍ ।୪୦।

ସଞ୍ଜାର୍ ଧର୍ମେ ସ୍ବନ୍ତର୍ କରମ୍ ବଦ୍‌ଲ୍‌ବାର୍ ନୁହେ ଆଶ୍ରିଯ୍
ସ୍ଥିଶା ହେଲେଁ କାଁ କର୍‌ବା ପଣ୍ଡ ହେଲେଁ କଦ୍‌ରଜ୍ ।୪୧।
ଜାନିଛ ତ କହ ହେଟେଲେଁ ଯଦ୍ଧ କଣ୍ଟା ଘଟିଛେ ?
ସଷ୍ଠି ବର୍‌ତେଁ ବଡ୍‌ବାର୍ କଥା ଭିତ୍‌ରେଁ ଖ୍ଏଲ୍ ଘଟିଛେ ।୪୨।
ଏକେ ସ୍ତୁଁ ସାମୀର୍ ମୁହେଁ ପାଏନ୍ ନାଇଁ, ଝାଉଁଲିଛେ
ଅଜାନତେଁ ଦୁଖର୍ ଗଜା ପଡର୍ ମେଲ ପାଆଁଲିଛେ ।୪୩।
ମୁନିର୍ କଥା ଶୁନି ସାମୀ ଅଗି ଜଭ୍‌ଟ୍‌କେ ଗୁହ୍‌ବ୍‌ଲେ
କାନ୍ଦ୍‌ବାର୍ ମନ୍ ହେଉଥିଲା ପାରୁପର୍‌ଯଁନ୍ତ ଦାବ୍‌ଲେ ।୪୪।
ସଷ୍ଠି କହେଲେ ପଣ୍ଡ ତାକର୍ ଧରି ମହାଦେବ୍ ବେଶ୍‌କେ .
ପାର୍‌ବତୀକେ ପାଏମି ବଲି ଗଲେ କଏଲାସ୍ ବେଶ୍‌କେ ।୪୫।
ଉମାର୍ ରୂପେଁ ମୋହ ଯାଇଁ ଗିଆନ୍ ଗୁଚର୍ ହାର୍‌ଲେ
ଶିବର୍ ଠାନୁ ନାଇଁ ହାରି ପାର୍‌ବତୀକେ ନାଇଁ ପାର୍‌ଲେ ।୪୬।
ପାର୍‌ବତୀ ତ ସତୀ ଆ'ନ୍ ଭାକର୍ ଠାନେ କପଟ୍
କଲା ଦନୁ ମୋତେ କେନ୍ତା ସବୁ ଲାଗ୍‌ସି ଅଟ୍‌ପଟ୍ ।୪୭।
ଏତ୍‌କି କହି ବୃନ୍ଦାବତୀ ପଥ୍ଥା ହେଲେ ମଉନ୍
ମନ୍ ମରିଛେ ତନ୍ ଥରୁଛେ ନଜ୍‌କେ ଲାଗେ ନଉନ୍ ।୪୮।

-୨୬-

ଅଥା ହରିକରି ମଏଧାନ୍ କାଏଁ ଥାକ୍‌ମାରି ଘାଏ ସୁସ୍ତେଇଛେ
ଚେହେରା ତାପି ଛଏରା ତଲେଁ ଅହେରା ମାରି ନସ୍ତେଇଛେ ।୧।
ଏଛ୍‌ନି ଏଛ୍‌ନି ଛନେ ହଉଛେ ମୁଣ୍ଡ୍ ଉପ୍‌ରୁ ବେଲ୍ ଢ଼ଲ୍‌କୁଛେ
ଘାଏ ହେଲାନି ଗଛର୍ ଗୁଏ ମୂଲ୍‌କେ ଗୁଡ଼ି ମଲ୍‌କୁଛେ ।୨।
କାଁ କଥା କାଏଁ କହେ ମଏଧାନ୍ ଝାରର୍ ପତର୍ କାନେ କାନେ
ଝାର୍ ବି 'ହୁଁ'କାର୍ ଦଏ ପଣ୍‌କାର୍ ଘୁନ୍ଟ୍‌ରୁ ଘୁଁ ତାନେ ତାନେ ।୩।
ଧୁକା ବରଷା ଥକା ମାରି ନେଁ ଶୁନିପାରିଁ ଢ଼ଲଉଛେ
"କାଁ କଥା ଗା କହ" ବଲିଁ ପତର୍ ମାନକୁଁ ହଲଉଛେ ।୪।
ଗଛର୍ ଫାଁକା ଦେଖି ବେଲ୍‌ଠା ଖରର୍ ହାତେଁ ଉଠଉଛେ ।
ହଏରାନ୍ ହେଲା ମେତାଲ୍ ମଏଧାନ୍ ଜାନିକରି ବି ମଠଉଛେ ।୫।

ହେଣ୍ଟା, ଚଅଲ୍, କୁରଙ୍ଗ, ସମ୍ବର୍ ଭିଲ୍ ବାନ୍ଧିକରି ଶୁଇଛନ୍
ବାଘ୍ ଭାଲୁ ସିଂହ୍ ଖାଣ୍ଡୁଲ୍ ଜାଗା ଜାନିକରି ଲୁହିଛନ୍ ।୬।
ସହଜ୍ ସୁନ୍ଦର୍, ସରଲ୍ ଲୁକର୍ ସତେଁ କାହିଁ ଥାବ୍ ନାଇଁ
ସେମାନ୍‌କୁଁ ଘାତି ଥିବାର୍ ଲୁକର୍ କେଭେଁ ଅଭାବ୍ ନାଇଁ ।୭।

ଠାନ୍‌କେ ଠାନ୍ ସାଁପ୍‌ମାନେ ଜିଭ୍ ଲମାଇ ରଙ୍ଗୁଛନ୍
ନଜର୍ ନାଇଁ ପରର୍ ଦୁଲ୍ଲିଁ ପଶିବାର୍‌କେ ଡୁଙ୍ଗୁଛନ୍ ।୮।
ଭାବ୍‌ବାର୍‌କେ ନାଇଁ ପଡ଼େ ଇ କଥାଟା ସାଫ୍ ଆଏ
ପରର୍ ଚିଜ୍‌କେ ନଜର୍ କର୍‌ବାର୍ ଲୋକ୍ ସଂସାରେଁ ସାଁପ୍ ଆଏ ।୯।

ସଖି ବସିଛନ୍ ଯତିର୍ ଆଗେଁ ପତିର୍ କଥା ଶୁନ୍‌ବେ ।
କୁଲ୍‌କୁଲ୍ ହଇ, ଫାଟ୍‌ଲା ମନ୍‌କେ ଆଏଜ୍ ଭିଏଲ୍ ଭୁନ୍‌ବେ ।୧୦।
ଭକ୍ତିକର୍‌ତା ପନ୍ ଉପ୍‌ରେଁ ସତେଁ କେତେ ଭର୍‌ସା ଥିଲା
ଆଜର୍ କେନ୍ତା ସେ ଭାବ୍‌ଟା ଆପେଁଆପ୍ ପର୍‌ସି ଗଲା ।୧୧।

ଜ୍ଞାଟ୍ ଗୋଟ୍ କରି ପଛର୍ କଥା ସବୁ ଦକ୍‌ଦକ୍ ଦିଶୁଛେ
ଫାଟା ଗୁଣ୍ଡି କାଁଟା ବାଗିର୍ ଚର୍‌ଚରାନୁ ପଶୁଛେ ।୧୨।
ଯେନ୍ତା ଭବେଁ ମହାଦେବ୍-ବେଶ୍ ବାଁଧିଲେ ତାକର୍ ପତି
ସେ ବେଶ୍‌ଁ କାଏଁ କେଭେଁ ହେଲେଁ ଠରେଁ ପରୁତେ ପାର୍‌ବାଟି ।୧୩।

ସେ କଥାଟା କାଲ୍ ହେଲା କାଏଁ ଭାବି ମନ୍‌ଟା ଘୁରୁଛେ
ଅମଙ୍ଗଲର୍ ଭାବ୍‌ନା ମାନ୍‌କୁଁ ଗୁଠ୍ ଗୁଠ୍ କରି ଛାଁଟୁଛେ ।୧୪।
ଏତ୍‌କି ବେଲେଁ ଘୋର୍ ଗର୍ଜନ୍ ଶୁଭ୍‌ଲା ସମିର୍ କାନ୍‌କେ
ଧୁହୁଲାଇ ନେଲା ପୃଥୀ ଆକାଶ୍ ଦହଲାଇ ନେଲା ଜାନ୍‌କେ ।୧୫।

ଉନ୍ଧାଟି ଦେଖିଲେ ଉପର୍‌କେ ସେ ଆକାଶ୍ ସାରା ମେଘ୍ ନାଇଁ
ଗୁରୁଣ୍ଡି ଦଗ୍‌କେ ନଘା କଲେ ନାଇଁତ ପାଶେଁ ବାଘ୍ କାହିଁ ? ।୧୬।

ପରାସ୍ ପୁରା ହରାସ୍ ମନେ ଗୁରିଦଗ୍‌କେ ଦେଖୁଛନ୍
ସଖିର୍ ଧରମ୍ ପତିର୍ କରମ୍ ମନ୍-ନିକୃତି ନ ଯୁଝୁଛନ୍ ।୧୭।

ମାକର୍ ଦୁଇଟା କେ'ନ ଥିଲେ ସେ ତାକର୍ ଆଗେଁ ଠିଆଡ଼୍
ହାତ୍‌ଗୋଡ଼୍ ଦଶେ ଗଛ୍ ମେଢାଲ୍ ଦନ୍ତ୍ ଦୁଇଟା ପାହାଡ଼୍ ।୧୮।

ଝନ୍‌କର୍ ହାତେଁ କଟାମୁଣ୍ଡ୍ ଗଏଁଡ଼୍ ଆର୍‌କର୍ ହାତେଁ
ତଳେଁ ପକାଇ ସମିର୍ ଆଡ୍‌କେ ଡୁଲ୍‌ଗାଇ ଦେଲେ ଦାଁତେଁ ।୧୯।

ଟଏଦ୍‌କଣ୍ଠା ଗଏଁଡ଼୍‌ ମୁଣ୍ଡ୍‌ ରକତ୍‌ ଶୁଖେ ନୁହେ
ମୁହେଁ ଚମ୍‌କେ ସାରର୍‌ ତେଜ୍‌ ଅବ୍‌ତକ୍‌ ଲୁକେ ନୁହେ ।୨୦।
ଢହେଁ ଢଶୁଛେ ଲଢ଼େଇର୍‌ ପୁଷାକ୍‌ ହାତେଁ ସୁନାର୍‌ ବଲା
ବାହାମାନ୍‌କେଁ ବାଜୁବନ୍ଧ୍‌ ବେକେଁ ମାନିକ୍‌ ମାଲ ।୨୧।
ମୁଣ୍ଡ୍‌କେ ଦେଖି ଚହ୍ନ୍‌ଲେ ରାମା ଇ'ଠା ଡାକର୍‌ ପଣ୍ଡ ଆନ୍‌
ଯୁଗ୍‌ରାଇ ହଇଁ ପର୍‌ଲେ ଭୁଇଁ ନୌ ରହେଲା ଢହେଁ ଗିଆନ୍‌ ।୨୨।

... .......

-୧୭-

ଢେଡ଼ି ଛନ୍‌କେଁ ଚେତା ପାଇ ମନ୍‌ ହଉଛେ ରହି ଦହି
କୁତ୍‌କୁତା ଚୁବ୍‌ରୁବା ହଇ ବୃନ୍ଦାବଣ କାନ୍ଦୁଛନ୍‌ ।
ମନର୍‌ ଦୁଖ୍‌ ଭିତର୍‌ ବ୍ୟଥା କେତେ କରୁଛେ ଅଥାବଥା
ଢହେଁ ନାଇଁନ କପ୍‌ଡ଼ାଲତା ରାମା କେ'ନ ଜାନୁଛନ୍‌ ।୧।
ଆଗେଁ ଥିଲେଁ ମଲା ପଣ୍ଡ କା'ଣା ହେବା ନାଶର୍‌ ଗଣ୍ଡ
ଯେ ହଇଥିବା ସତେଁ ସଣ୍ଡ ସେ ଅନ୍‌ମାନ୍‌ କର୍‌ବା
ଭୁକ୍ତ ଥିବାର୍‌ ମୁନୁଷ୍‌ ହେଲେଁ ଜାନ୍‌ବା ସିନା; କହେବା ବଏଲେଁ
ଭାଷା ନୁହେ ହଏ କେନ୍‌ସି କାଲେଁ, କେନ୍‌ଭାଷା କହି ପାର୍‌ବା ? ।୨।
ସେ ଭାଷାର୍‌ ଅଖର୍‌ମାନେ ଲିଖା ଥିସନ୍‌ ମନର୍‌ କନେ
ପଢ଼ି ବୁଝ୍‌ବା ତାହାର୍‌ ମାନେ, ମନ୍‌ମନ୍‌ ଯେ ଦେଖ୍‌ବା
ଥୁଆ ମନ୍‌ ମୋର୍‌ ବୁଥା କଲମ୍‌ ପୁହୁଁଚବାକେ କାଇଛେ ଦମ୍‌
ଯାହା ଲେଖ୍‌ବା ହେବା କମ୍‌ ପାର୍‌ଲେଁ ହେଲେଁ ତ ଲେଖ୍‌ବା ।୩।
ପଣ୍ଡର୍‌ କଥା ସୁମ୍‌ରି ସୁମ୍‌ରି ସଣ୍ଡ କାନ୍ଦନ୍‌ ଗୁମରି ଗୁମ୍‌ରି
ଦୁଖର୍‌ ଗୁଏ ସଁଭ୍‌ରି ସଁଭରି ଝାର୍‌ ଭର୍‌ଭର୍‌ ଉଠେ ।
ରାମାର୍‌ କକଥନା କାନ୍ଦ ଝାର୍‌ ପତ୍‌ବର୍‌ ଅନ୍ଧ ସନ୍ଧ
ଗଛେଁ ପତର୍‌ ଢଏ ବାନ୍ଧି ନାଇଁ ହଲବାର୍‌ ଗୁଠେ ।୪।
ସବେ କରୁଛନ୍‌ ହାଏ ! ହାଏ ! ଥେଇ ଯାଉଛେ ଧୁକା ଘାଏ
ଦୁଃଖେଁ ଦୁହୁଲ ଗଛର୍‌ ଗୁଏ ଯାଆନ୍‌ ଲମି ଲମି
ଦୁଖ ଉଠେ ବର୍‌ଲ ବର୍‌ଲ ବେଲ ବସେ କାଏଁ ତର୍‌ଲ ତର୍‌ଲ
ପଚ୍ଛିମ୍‌ ଆକାଶେଁ ସର୍‌ଲ ସର୍‌ଲ ଯାଉଛେ ସମି ସମି ।୫।

ଜୋର୍ ନଲଆ ଝର୍ନା ନଈ    ରାମାର୍ ଆଏଁଖ୍‌କେ ଲହ୍ ଦେଇ
କାନ୍ଦି କାନ୍ଦି ମୁହଁ ଉଲ୍‌ମାଇ ଘାଉଁ ଘାଏକେ ଶୁଖୁଛନ୍
ବୁଝିକରି କାଏଁ କାନ୍ଦର୍ ମାନେ    ଝାରର୍ ଯେତେ ଚଁରେମାନେ
କାନ୍ଦି କାନ୍ଦି ନଜର୍ ତାନେ ଗୁଡ଼ାମାନ୍‌କୁଁ ତୁକୁଛନ୍ ।୬।

ରାମାର୍ କାନ୍ଦି ସରେ ନାଇଁ    ଝାର୍ ଉଛ୍‌ଲେ ଧରେ ନାଇଁ
ରାଗ୍ ଘାଏ ଘାଏ ଫିରେ ନାଇଁ ଘଡ଼ିକେ ଘଡ଼ି ମୂର୍ଚ୍ଛା ।
କେଭେଁ ଚେତା ପାଇକରି    କଣ୍ଠାମୁଡ଼୍‌କେ ଆବ୍‌ରି ଧରି
କାନ୍ଦ୍‌ଲେଁ ପଡ଼ସି ଝରି ଝରି କଲ୍‌ଜା ଫାଟି ପର୍ଚ୍ଛା ।୭।

"ଏତି ଗୋ ! ମୋର୍ ପର୍‌ମେଶର୍    ବର୍ହ୍ମା ଠାନୁ ପାଇ ବର୍
ଦେହେଁ ତମର୍ କେତେ ବଲ୍ କେ ପାର୍‌ବା ଜାନି
ଦେବ୍‌ତାମାନେ ଡ଼ରି ଡ଼ରି    ରହୁଥିଲେ ଥରି ଥରି
ନେଁ ଥକୁଥାଇଁ କରି କରି ତୁମର୍ ହୁକୁମ୍ ମାନି ।୮।

ତିନ୍‌ହି ପୁର୍‌କେ କରି ଖାଲି    କେନ୍ ପୁର୍‌କେ ଗଲ୍ [illegible]ଲି
ସେ ପୁର୍‌କେ ଛାଡ଼ିକରି ନେଁ ଆସ କାଏଁ ଫିରି ।
ଆସ୍‌ବ ବଲି ଲଟେଇ ଜିଭ    ମନ୍-ଦୁଆରେଁ ଦେଇ ଝୁଁଟି
ଆଶା-ଜାଗ୍‌ରେଁ ଜାଲି ବତି, ବାଟ୍ ଦେଖୁଥିଲି ।୯।

କେନ୍ ରାଏଜେଁ ରଜା ଆଜର୍    ତମର୍ ସାଙ୍ଗେଁ ମୁଇଁ ବି ହଜି
ଯାଉଛେଁ ନେଁ ପାଏଁ ଖୁଜି, ନଜେଁ ନଜ୍‌କେ ମୁରୁଛେଁ
ତମର୍ ଠାନେ ପର୍‌ମେଶର୍    ଦେଖୁଥିଲିଁ ତ ଅଠିପର୍
ନେଁ ପାଇଁ ହଏ ହର୍‌ବର୍, ବାହାର୍ ଭିତର୍ ଝାରୁଛେଁ" ।୧୦।

ରାମାର୍ ଇ କଥା ଶୁନି    ତରକ୍ ମରକ୍ ହେଲେ ମୁନି
ମୁନି କହେଲେ ଶୁନ ରାମା, ମୋର୍ ମନ୍‌ଟା କହୁଛେ ।
"ମା'ର୍ ଗର୍ଭୁଁ ମଶାନ୍ ପଦା    ଝରି ଝରି ସିଧା ସିଧା
ପାଶ୍ ପାଞ୍ଜିର୍ କରି ଉଦା, ଜୀବନ୍-ନଏଦ୍ ବୁହୁଛେ ।୧୧।

କେନ୍‌ଟା ବେଶୀ କେନ୍‌ଟା କମ୍    କେନ୍‌ଟା ଶ୍ରେଷ୍ଠ୍ କେନ୍‌ଟା ଲମ୍
ଜାନ୍‌ବାକେ ନେଁ କାହାର ଦମ୍ ଝନେ ଏକା ଜାନୁଛେ ।
କମ୍ କାଦୋ ଜନ୍ମ ପାଏନ    ଥିଲେଁ ଥିସି ନଦାର୍ ମାଏନ୍
ସଭେ କଲେଁ ଧଏନ୍ ଧଏନ୍ ସେ ଭି ତାହାକେ ମାନୁଛେ ।୧୨।

ଯେନ୍ ନଦୀର୍ ପାଏନ୍ କାହିଁ     ମୁହେଁ ଦେଇ ଢୁଏ ନାହିଁ
ସେ ନଏଦ୍ ଥାଇ ନୈଁ ଥାଇ, ପର୍ଭେଦ୍ ନାଇଁ ଟିକେ
ନଦୀ ବୁହ୍ଲେଁ ବିଷାନ୍ ପାନି     ସବୁ ପରାଣୀର୍ ହେଲେଁ ହାନି
ଗୁସିଆଁ ହେଲେଁ ଜାନି ଜାନି, ଉଖ୍ବା କାଏଁ ସେ ନଦୀକେ"।୧୩।

"ମୁନି ! ତୁମର୍ କଥାର୍ ଛଲ୍     ବୁଝ୍ବାକେ ନାଇଁ ମନର୍ ବଲ୍
ଯାହା ଜାନିଛ ଭଲଭଲ୍   ଫଁଟିକ୍ କରି କହ ।
ପତିର୍ ବିନା ସତୀର୍ ଗତି     ଯାହା ହେସି ଜାନି ଯତି
ସେ କଥାକେ ଇଥି ସେଥି ନାଇଁ କରି କହ" ।୧୪।

"ଶୁନ ତେବେଁ ବୃନ୍ଦାବତୀ"     ଯତନ୍ କରି କହେଲେ ଯତି
"ଜଳନ୍ଧର୍ ସେ ତମର୍ ପତି, ଲଢେଇ ଗଲେ ହାରି ।
କାଲ୍ ରୂପ୍ କଇଲାସ୍ ପତି     ହେଲେ ପ୍ରାଣୀର୍ ପରମ୍ ଗତି
ଯେନ୍ତା କାମ୍କେ ସେନ୍ତା ଭୁଗ୍ତି, ରଖିନେଲେ ଜୀର ।୧୫।

ପାଁପର୍ ବଢେ ଜାବର୍ ଭରନ୍     ଜଲ୍ଜଲ୍ ହସେ ଜଳନ୍ଧର୍
ଜାନି ଭୁଆଲେ ମହାନ୍ ମରନ୍ ଶିବ୍ ମଙ୍ଗଲ୍ ମୂର୍ତ୍ତି
ଦେବ୍ତାମାନେ ହେଲେ ଥୟ୍     ଉଡିଗଲା ତାଙ୍କର୍ ଭୟ୍
ଗାଏଲେ ଶିବର୍ ଜୟ୍ ଜୟ୍, ହାଏ କଲା ଘାଏ ପୃଥ୍ୱୀ ।୧୬।

ଶିବ୍ ଗଣ୍କର୍ ଆଏଲା ତେଏନ୍     ଦୁଖ୍ ନୟନ ଧଏଲେ ଖଏଣ୍
ଧରି ରଜାର୍ ମୁଣ୍ଡ୍ ଗଏଣ୍   ନନ୍ଦ ଆଉର୍ ଭୃଙ୍ଗୀ
ନେଇଁ ଦେଖ୍ଲ ମାକର୍ ବେଗେଁ     ଆସି ପକାଲେ ତମର୍ ପାଶେଁ
କାହିଁଗଲେ କାଏଁ ତାକର୍ ଠାସେଁ ପାପ୍ ହେଲ କୁକୁର୍ତି" ।୧୭।

ବୃନ୍ଦାବତୀ ଆଖିର୍ ପାନି     କଥା ମାନ୍କୁଁ ସାନି ସାନି
କହେଲେ "ମୁନି ! ସତ୍ସମାନ ନାଇଁ ଲାଗ୍ବାର୍ ଟିକେ ।
ସତୀ ଥାଇ ପତିର୍ ଜାନ୍     ଗଲେଁ ପତି ବର୍ତର୍ ମାନ୍
କେ'ନ ରହେବା କାହିଁ ଠାନ୍ ? ପଲାବା କେନ୍ନକେ ? ।୧୮।

ସତର୍ ବନ୍ଧା ବର୍କନିଆଁ     ଗାଇଁତା ଗଛ୍ ଦୁଇକେନିଆଁ
ଝାଡ୍ବାକେ ସ୍ମନମନିଆଁ ? ପାଲେ ରଖି ପାଲେକେ ।
ଇ'ଟା କାର୍ ମାୟା ମହାନ୍     ମୁନି ! ତମର୍ ଧନ୍ ଧ୍ୟାନ୍
ଜାନିପାର୍ବ ସେ କଏ ଆନ୍ ? ମହାନ୍ ମାୟା ଗୃହେଲ୍ କେ ।୧୯।

ମୁଇଁ ତ ଅଛେଁ ଜୀଇଁକରି    ପତି କେନ୍ତା ଯିବେ ମରି
ଦେହ୍ ରହେ କାଏଁ ଜୀବନ୍ ଧରି, ଆତ୍ମା ନାଇଁ ଥିଲେଁ ।
ସେ ଆତ୍ମା ନ ମିଶିଲା ଦନୁ    ପରମାତ୍ମାକେ ଅନୁଖନୁ
ଦେଖୁଛେଁ ନାଇଁ ପାଶ୍ରି ମନୁ, କେଭେଁ କେନ୍ସି କାଲେଁ" ।୨୦।

ଯତି କହେଲେ "ସଖିପନେ    କେତେ ବିଶ୍ୱାସ୍ ତମର୍ ମନେ
ମହାପ୍ରଭୁ ଦେଖି ପଥର୍‌ଠାନେ ଆଶ୍ରିଯ୍ କଲ ପୁର୍ଥୀକେ ।
ମହାପ୍ରଭୁନ ପତି ଦେବ୍ତା    ଦେଖି କରି ତାର୍ ଚିନ୍ତା
ଦନ୍‌ସାରି ଆର୍ ରାଏତ୍ ସର୍ତା   ଥୁଇଁ ପଥର୍ ମୁର୍ତ୍ତିକେ ।୨୧।

ମଲ୍‌ଲୋକ୍ ତ ବଅଁଚେ ନାଇଁ    ଗୁଡ୍‌ଲା ଠାନ୍‌କେ ପୁହୁଁଚେ ନାଇଁ
ମର୍‌ବାର୍ ଠାନ୍ ଇ ମରତ୍ ଭୂଇଁ ଇ'ଟା ନୁହେ ଆନ୍
ତବ ସତେଁ ସର୍ବନାଶ    ସଏତ୍ ଯୁଗ୍‌ନ ସାବଡସି
ମୂର୍ଖର ମୁହୁଁ ଆନ୍‌ଲା ଧରି   ପତି ସଏତ୍‌ବାନ୍ ।୨୨।

ହେନ୍ତା ହିଁ ତ ଜଗତ୍‌ପତି    ଥିଆନ୍ ସବୁ ଜୀବର୍ ପତି
ସେ'ହିଁ ସମ୍‌କରର୍ ଗତି  ମାନ ନାଇଁ ମାନ ।
ସେ'ହିଁ ସତର୍ ପତି ଜାନ    ଯାଏ ହେଲେଁ ଦେଖି ମାନ
ଇ'ଟା ମୁନକର୍ ମତ୍ ରାମା ! ଜବର୍ କରି ଜାନ" ।୨୩।

ଏତକ କହି ମହାନ୍ ଯତି    ଯୋଗ୍ ଧିଆନେ ରଖିଲେ ଥିତି
ସତ୍ କରି ସେ କଥା ସଖି   ସେ ବି ବସିଲେ ଧିଆନେ ।
କାଁ କର୍‌ତେ ଦାସୀମାନେ    ବୁଝିଲେ କି ନି ଯୋଗର୍ ମାନେ
ଆଏଁଖ୍ ମୁଜ୍‌ଲେ ନଜର୍ ଠାନେ ଥାଉ ନାଇଁଥାଉ ଗିଆନେ ।୨୪।

ଝାର୍‌ଟା ବି ନଝାଟ୍ ପରିଁ    ସେ ଯୋଗେଁ କାଏଁ ହେଲା ଯୁରି
ଚେରେମାନେ ଭି ଭୁନ୍‌ପରି  ଧରି ବସିଲେ ଗୁଡ଼ା
ଇ ଯୋଗର୍ କାଏଁ ପାଇଁ ଅଁତ୍    ସର୍‌ପଟିଁ ଗଲେ ଝାରର୍ ଜଁତ୍
ସଭାବ୍ ଗୁଡ଼୍ ହେଲେ ସଁଥ୍ ନାଗ୍ ଚଢି ବୁଢ଼ା ।୨୫।

. . . . . . . . . . . .

-୧୮-

ଜୀବନ୍ ପାଆଁଲ୍‌ବାର୍ ଲାଗିର୍   ପବନ୍ ବୁହେ ହୁର୍‌ହୁର୍
ଝାଡ଼ର୍ ଦିହୁଁ ମନର୍ ଚଢେ   ଛନ୍‌କ ଉଡ଼େ ଫୁର୍‌ଫୁର୍    ।୧।

କାଏଁ ମନ୍ତର୍ ନେଇ ଆଏଲା   ଇ ପବନ୍ ଟା କେ ଜାନେ
ଝାଇଁଟା ଜଗତ୍ ତ ଉଲ୍‌ସି ଉଠେ ଶୁଖା ଠୁଠା ବି ନାଇଁ ମାନେ   ।୨।
କେନ୍ ମହକ୍ ନେଇ ଆଏଲା ଧୁକା ବହେଁକି ବହକି ବୁଲୁଛେ
ଢେହ୍ କେ ଲହେଁକି ମନ୍ ଭିତର୍‌କେ   ତହେଁକି ତହକି ଗୁଲୁଛେ   ।୩।
କେ ଲେସିଛେ କାଁ ଲେପ୍ ଯେ ବେଲର୍ ଆସ୍ କେତେ ସୁ ରୁତ୍
ତପ୍‌ଲା ଢେହ୍ ଗୁପ୍‌ଲା ମନ୍   ବାଟ୍ ଧରେ କେତେ ଭୁରୁତ୍   ।୪।

ଫିର୍‌ଲା ଫଗୁନ୍ ଗୁନ୍‌ଗୁନାଇ   ମହୁମାଛିର୍ ସୁରେଁ ସୁରେଁ
ଜୀବନ୍-ଗୀତର୍ ଗୁଟେ ରଗ୍   କୁଇଲି ଧରେ କୁରେଁ କୁରେଁ ।୫।
ଆମ୍ ଗଛ୍ ମାନେ ସମିୟା କାଣା ନାଇଁ ଜାଆତ ଧଏଲେ ବଉଲ୍
କଏ କାଁ କରି କୁଛି ବଲ୍‌ତା   କୁଟ ଧରି ଆଏଲେ ମହୁଲ୍   ।୬।
ପଲ୍‌ସା ଫୁଲର୍  ଉଠେଁ ଉଠେଁ   ଝାର୍ ପତ୍‌ରା ହଁସୁଛେ
କଅଁଳି କଅଁଳି ଲାଲିଆ ପତର୍   ଜିଭ୍ ଅଁଉଲାଇ ରସୁଛେ   ।୭।
ଝାରର୍ ଚେହେରା ଫୁଲ୍ ହଇକରି  ବଗ୍‌ବଗାନୁ ଗଲା ଫୁଟି
ଆକାଶ୍ ବଲେ ରାତିର୍ ବେଣି ତାର୍  କେତେବେଲେଁ ନେଲା ଲୁଟି ।୮।

ହଟେବ୍‌ଦେଁ ଶବଦ୍ ହେଲା   ଅଁଧାର୍ ଭିତର୍ ହେଲା ଉଜିଆ
ଧାଁଚ ଘରି ହେଲେ ଭିତ୍‌ରୁଁ ବାହାର୍ ମନ୍‌କେ କରି ମୂଲ୍ ମୁଖିଆ ।୯।
ଯୋଗ୍ ବନ୍ଧନୁ ମନ୍ ମୁକ୍‌ଲେ   ଟମାର୍ ଧିଆନ୍ ହେଲା ଆନ୍
ସତ୍ ଥିତିନୁ ସଟା ଫିର୍‌ଲେ   ଢେହ୍ କେ ଫିର୍‌ଲା ଦେହେ ଗିଆନ୍ ।୧୦।

ମୁକ୍‌ଲା ଆଏଁଖ୍ ଫିଟଲା କି   ଖୁଜ୍‌ଲା ଲେଖେଁ ଦେଖୁଛେ
ଯାହାକେ ଦେଖୁଥିଲା ଅବ୍ ତକ୍ ସେ ନାଇଁ କେନ ଲୁ କୁଛେ   ।୧୧।
ଆଏଁଖ୍ କେ ସେ ବାହାରୁଁ ମୁରି ଭିତର୍ ଆଡ୍‌କେ ମୁହାଁଇଥିଲା
କେତେ ବରଷ୍ ପରମେଶର୍‌କେ  ପଥର୍ କାଁଟ୍‌କେ ଲୁଧାଇଥିଲା   ।୧୨।

ପରମେଶ୍ୱରର୍ କାଁ ରୂପ୍ ଆଏ   ନାଇଁ ଜାନି ତ କେନ୍‌ସି ଢନେ
ପଥର୍ ରୂପେଁ ପରମେଶର୍‌କେ   ବାଁଧି ରଖିଥିଲା  ଧ୍ୟାନେ   ।୧୩।

ପରମେଶର୍ ତାର୍ ପଥର୍ ବେଶେଁ   ମନ୍-ବେଦୀ ନ ଥିଲେ ବସି
ଦୂର୍‌କେଇ କରି ତନ୍ ମନ୍ କେ   ସେନୁ ବାଁଧିଥିଲା କଷି   ।୧୪।
ତନ୍ ଅଛେ ଆର୍ ମନ୍ ବି ଅଛେ, ମନର୍ ଦେବ୍‌ତା ଗଲେ କାହିଁ ?
ତାକୁ ଜଲ୍‌କା ନ ଆଏଁଖ୍ ନୁରୁଛେ ମନ୍ ନୁରୁଛେ ଯାହିଁତାହିଁ ।୧୫।

ଚାକର୍ କଥା ଶୁନ୍‌ବାର୍ ଲାଗି କାନ୍ ଠାକଛେ ଆଶା କରି
ତନ୍ ହଉଛେ ଡଡାପନା   ପାହାଧୂଏଲ୍ ଥିଁ ଯିବା ଗଡ଼ି  ।୧୬।
ଜିଭ୍ ଲାଲ୍‌ଗୁଏ ପାଦ୍-ପଦ୍‌ମୁ   ଝରିଲା ମହୁ ନେବା ଗୁଣି
ଫୁଲର୍ ରେଣୁ ଅନୁଖନୁ   ଶରୀର୍ ସାରା ହେବା ମାଖି  ।୧୭।
ପରଗ୍‌ବାକେ ନଷାକଲେ   ମୁନି ଯେନ ଥିଲେ ବସି
ଯେନ କେନ ଥିଲେ ମୁନି;   କେନ୍ ଆଓ୍‌କେ ଗଲେ ଖସି ?  ।୧୮।
ରାମାର୍ ଠୁ ଛୁରୁବୁରୁ ଶୁନି   ଦାସୀ ଦୁଇଜନ ଉଠ୍‌ଲେ ନ
ମୁନିକେ ଖୁଜା ନୁହ କାମେ   ରାମାର୍ ସାଙ୍ଗେଁ ଜୁଟ୍‌ଲେ ନ  ।୧୯।
ଉହାଟି ଉହାଟି ଗୁରୁହି କୁଣ୍ଡ   ସଖି ନୁ ରୁଛନ୍ ଯତିକେ
ଆଗ୍ରିଯ୍ ହେଲେ ଚାକର୍ ଆଓ୍‌କେ ଆସ୍‌ବାର୍ ଦେଖି ଯତିକେ  ।୨୦।
ଶୁଖା ଠ୍‌ଠା ଠିଖେ ନାଇଁ   କେଡ଼େ ଉଜଲ୍ ଦିଶୁଛନ୍
ଦୁଖର୍ ଚିହ୍ନାବନା ନାଇଁ   ମୁଲ୍‌କି ମୁଲ୍‌କି ହସୁଛନ୍  ।୨୧।
ଶିଁଖ୍ ମର୍‌ମର୍ ପଥର୍ ମେଚାଲ୍   ଶରୀର୍ ସେନ୍ତା ଝଟ୍‌କୁଛେ
ଦେଖ୍‌ଲେଁ ଆଏଁଖ୍ ଫିରେ ନାଇଁ ଅଏନ୍ ଘଡ଼େ ଅଟ୍‌କୁଛେ  ।୨୨।
କୁଚ୍‌କୁଚିଆ ବାଲର୍ ଉପ୍‌ରେଁ   ହୀରାର୍ ମୁକୁଟ୍ ଭିରିଛେ
ରୂପ୍ ରାଏଜ୍‌କେ ଲୁଟ୍ କରି   ଏଛନ୍ କାଏଁ ଫିରିଛେ  ।୨୩।
କୁନ୍ଦ୍‌ଲା ଚନ୍ଦନ୍ କାଠ୍ ଲେଖେଁ ଗୋଡ୍ ଦୁଇଟା କେଡ଼େ ଡ଼ଗର୍
ତାର୍ ଉପ୍‌ରେଁ ପାଟ୍ ପହରନ୍ ଧୋବ୍ ଖିର୍‌ଖିର୍ ଗୁରସ୍ ରଙ୍ଗର୍ ।୨୪।
ହାତି ଶୁଣ୍ଡର୍ ମେଚାଲ୍ ହାତ   ଅଁଠା ଜାଣ୍ଡ ଆହୁର ଲମ୍
ବାଁଏ ଉସାରର୍ ମହାନ୍ ଛାତି   କବାଟ୍ ଫାଲ୍‌ନୁ ଜାଣ୍ଡ ସମ୍  ।୨୫।
ରେଙ୍ଗାଲ୍ ନକ୍ସା ମେଚାଲ୍ ବାହା କେତେ ହଇଛେ ମୁରି ମୁରି
ଦେଖ୍‌ଲା ମାତ୍‌ରେଁ ଶତ୍‌ରୁ ବି ତ   ମରୁଥିବାନ ଝୁରି ଝୁରି  ।୨୬।
ପୁ ଛୁ ଆନ୍‌ଲା ଲେଖେଁ କପାଲ୍   ତାହାର୍ ଭିତ୍‌ରେଁ ଟୀକା
କାଁ ରଙ୍ଗର୍ ଯେ ମୁହଁର୍ ତେଜେଁ   ପଞ୍ଛା ଦିଶେ ଫିକା  ।୨୭।
ଦୁହିଆଡ଼େ ଭୂଲ୍‌ତାମାନେ   କଲା ମିସ୍ ମିସ୍ ଧୂନ୍ ବାଗିର୍
ଆଏଁଖ୍ ଦିଶୁଛନ୍ ବେଲ୍ ଦୁଇଟା ବସିଛନ୍ କାଏଁ ଲଗିର୍ ଲାଗିର୍ ।୨୮।
ରାମା ଦେଖ୍‌ଲେ ଜୀବନ୍-ରାଏଜର୍   ରଜା ଚାକର୍ ଆଏଲେ ଫିରି
ପାଏନ୍ ଧାର୍ କାଏଁ ଆଏଲା ମାଡ଼ି   ଶୁଖା ଭଟେଁ ଥିଲା ଝୁରି  ।୨୯।

ଯାଏନ୍ ଫାଟ୍‌ଲା ମନର୍ ଭାବ୍  କାଣା କହେତେ ବୃନ୍ଦାବତୀ
ଆଖୁଁ ଥିପ୍‌ଲେ ଥପ୍‌ଥପ୍  ଶାମ୍‌କୋଲ୍‌ନୁ କାଏଁ ଝରେ ମୁଣ୍ଡି ।୩୦।
ଯାହାତଲେଁ ଘାଏ ପଡ଼୍‌ବେ ବଲି  ଦଉଡ଼ି ଦଉଡ଼ି ଗଲେ ରାମା
କାଏଁ ପଡ଼୍‌ତେ ଉପ୍‌ରେଁ ଉପ୍‌ରେଁ ରଜା ଅଙ୍ଗେଁ ନେଲେ ଛୁନ ।୩୧।

.............

—୧୯—

ଜଲନ୍ଧର୍‌କେ  ବୃନ୍ଦାବତୀ  ଜୀବନ୍‌ଭର୍ ପାର୍‌ବେ ଭେଟି
ଆଶା ନାଇଁ ଥାଇଁ
ଗୁର୍ହେଇ ନେଲେ ଦେହେଁ ଦେହେ କୁର୍ହେଇ ନେଲେ ସବୁ ସେନେହେ
ଭାଷା ନାଇଁ ପାଇଁ ।୧।

ଛଡ଼ାଛଡ଼ି ହେଲା ଧନ୍  ଦୁଖ୍ ତ ନାଇଁ ଯାଇ ମନ୍
ପଥ୍‌ରେଇ ଯାଇଥିଲା ।
ସେ ସବୁ କାଏଁ ଯାଏନ୍ ହଇଁ  ଆଖିର୍ ବାଟେଁ ବୁହି ବୁହି
ଆଏଜ୍ ନଥ୍‌ରେଇ ହେଲା ।୨।

ରାମା ଯେତ୍‌କି ଥିଲେ ଦୁଖୀ  ଘଡର୍ ହଁସିଟିକି ଦେଖି
ସେତ୍‌କି ହେଲେ ଉଷତ୍ ।
କେଭୁଁ କେଭୁଁ ମୁକ ହଇ  ଚଣ୍‌ଦୁହିଠା ଥିଲେ ରହି
ଆଏଜ୍ ପାଏଲେ ଫୁର୍‌ସତ୍ ।୩।

ପାଚ୍‌ଲା କୁନ୍ଦ୍ରୁ ଲମେ ଲମ୍  ଚର୍‌ଲା ମେଡାଲ୍ ସମେ ସମ୍
ମୁହଁ ଫିଟ୍‌ଲା ରାମାର୍ ।
"ଭୁଲ ଯିମା ଜୀବର୍‌ଧନ୍  ରାଜ୍‌ମହଲ୍‌କେ ସଙ୍ଗେଁ ସଙ୍ଗ୍
ରହେମା ଆନର୍ ବାମାର୍ ।୪।

ତମେ ଯାହିଁ ମୁଇଁ ତାହିଁ  ଛନେ ଆଉର୍ ଛାଡ଼େ ନାଇଁ
ଛଏର ମେଡାଲ୍ ଥିମି;
କୁଟେର୍ ଡ଼ାଙ୍ଗେଁ ଗୁର୍ ଯେନ୍ତା  ମଣ୍ଡାର୍ ସାଙ୍ଗେଁ ପୁର୍ ମେଡାଲ୍
ଯାକ୍ଷି ଯିବ ଯିମି" ।୫।

ଅଲପ୍ ହସି ଜଲନ୍ଧର୍  କଥା କହେଲେ କି ସୁନ୍ଦର୍
ରାମାର୍ ହାତ୍ ଧରି;

"ଧଏନ୍ ତୁମେ ବୃନ୍ଦାବତୀ ! ସତୀ ପନେ ଜାଆଁଲ ପତି
ସ୍ତ୍ରୀ ଖି ସଁସାରେ ଶିଖା ।୬।

ମୋର୍ ଉପ୍ରେଁ ପଡ୍ଲେଁ, ଛୁଁନ ନୈପାର୍ଲେଁ କାଏଁ ପତି ହେମି
ଧିକ୍ ପତି ହେବାର୍

ନଜର୍ ଖବେଁ ଲେଶ୍ ନାଇଁ ରକ୍ଷୀ, ସଁପି ହେଲେଁ ଯାଇ
ସତ୍ ସ୍ୱାମୀ ବଲ୍ବାର୍ ।୭।

ତୁମେ ମତେ ପତି କଲ ସ୍ୱାମୀ ବଲିଁ ବରିନେଲ
'ଏକ୍' ନାଇଁ ହେଲେଁ

କାଁ ଲଭ୍ ଇ ଦେହ୍ ଧରି ଏକ୍ ନାଇଁ ପାର୍ଲେଁ କରି
କା'ଣା ଥାଏ ଆଉର୍ କାଁ କଲେଁ ।୮।

ନଏଦ୍ ସାଗର୍ ଭେଟାଭେଟି ହେଲେଁ କାଏଁ ଯାଏସନ୍ ଉଠି
ନୁର୍ ହେସନ୍ କାଏଁ ଠାନ୍ ?

ବୁଇଟା ଦହ୍ ପାଶାପାଶି ରହି କର୍ସନ୍ ମିଶାମିଶି
ଦୁହି ଆତ୍ମା ପ୍ରାନ୍ ।୯।

କେଡେଁ ସୁନ୍ଦର୍ ଛୁନା ଠାନ୍ ଦେଖ୍ଲେଁ ଉଷତ୍ ମନ୍ ପ୍ରାନ୍
ଇ ଠାନୁ କାହିଁ ଠାନ୍ ?

ମନର୍ ଭୋକ୍ ମରେ ଯେନ ଦହ୍ର୍ ଭୋକ୍ କାଏଁ ରହେ ସେନ
ଉହ୍ଳୁର୍ ନୈ ସହେ ପ୍ରାନ୍ ।୧୦।

ଏତ୍କି କହି ସାମାର୍ ଗାଲେଁ ଛୁଇଁ ନେଲେ କଲେଁ କଲେଁ
ଗାଲେଁ ଉଦ୍ଲା ବେଲ୍;

ଅଁଧାର୍ ସବୁ ସାମାର୍ ଭିତ୍ରେଁ ପଲ୍ଲେ ନଜର୍ ବତ୍ରେଁ ବତ୍ରେଁ
ଉଜାଲ୍ ହେଲେ ମେଲ୍ ।୧୧।

ଦୁଇଟା ସଏଜେଁ ବାଜ୍ଲା ବଜା ଜଲନ୍ଧର୍ ସେ ଖବର୍ ରଜା
ବୃନ୍ଦା ହେଲେ ସାମି

ପଲେଇ ବସ୍ଲେ ତଡାପନା ଯେତେ ଯାହା ଦେହ୍-ଭାବ୍ନା
ହେଉଥିଲେ ସାନ ।୧୨।

ଦୁହି ସଏଜର୍ ସୀମାରେଖା କାହିଁ ଟିକେ ନାଇଁ ଦେଖା
ଦୁହେ ସୀମାହୀନ୍;

ମନ୍-ଟାପୁ ନ ଥିଲା ଗର୍‌ଜ    ଯେନ୍ 'ମୁଇଁ' ସେ ଗଲା ହଜି
କାହିଁ ଛିନ୍‌ଭିନ୍ ।୧୩।
ଦେହେ-ଖୋଲ୍‌କେ ତଲେଁ ଛାଡ଼ି    ସେ ସାଏଜ୍‌କେ ଗଲେ ଉଡ଼ି;
ଜନ୍ ବେଲ୍ ଜୁଏ,
ଯେନ୍ ସାଏଜେଁ ତେଜ୍ ଧରି    ନୈ ଠହରନ୍ ସାହସ୍ କରି
କେଭେଁ ହେଲେଁ କହେ ।୧୪।

ମନ୍ ପବନ୍ ଟିଆନ୍ ଜତି    କେତେ ଉପ୍‌ରେଁ ତାକର୍ ଥିତି
ନାପି ପାର୍‌ବା କଏ ?
କେତେ ଗହେରେଁ ରହେଲା ଦହ୍    ଦୁହୁଲିଗଲା ତାହାର୍ ନହ୍
ଦୁହେ ଜାନନ୍ ନହେ ।୧୫।

ଅଖଣ୍ଡ୍ ରସ୍‌କେ ଚୁଷି ଚୁଷି    ମନ୍ ହଏ ଘାଏ ହେତେ ମାଗି
ହେଲେଁ ହେବେ କାଁ ଥି ?
ଦହ୍ ରହେଲା କାହିଁଠା କାହିଁ    ସେ ନକେ ଫେର୍ ଫିର୍‌ଲେଁ ଯାଇ
ହେବେ ମାଖି ରେଁତି ।୧୬।

ଯେତେବେଲେଁ ହଁନ୍ଦଲେଇ ହେଲେଁ    ଚେତ୍‌ନା-ସମୁଦର୍ ଜଲେଁ
ଲହରି ଯାଏସନ୍ ଉଠି ।
ସେ ଲହରି ଯିବା କେନ୍‌କେ ? ଉତାର୍‌କେ ଉତାର୍ ଦହ୍-ଖଏଣ୍ଡ୍‌କେ
ଆସି ହେସି ପିଠି ।୧୭।

ସୁଖ୍ ଦୁଖ୍ କ ଲାଜ୍ ସରମ୍    ଜାନ୍‌ବାର କ ମନର୍ ଭରମ୍
ନେଇ ଜୀବନ୍ ସଙ୍ଗି ।
ଦହ୍‌ଖଏଣ୍ଡ୍‌ଥିଁ ଠିଆ ହେଲେଁ    ସେ ଛୁଏରି ଚେତ୍‌ନା-ଜଲେଁ
ଆନ୍‌ସି ଜୁଆର୍ ଭଙ୍ଗା ।୧୮।

ଆନନ୍ଦ-ସାଗ୍‌ରେଁ ପହଁରି ପହଁରି ଦହ୍‌ଖଏଣ୍ଡ୍‌କେ ଆଏଲେ ବାହାରି
ଏକ୍ ହେଲା ଫେର୍ ଦୁଇ ।
ସମୁଦର୍ ରହେ ତାର୍ ଛବେଁ    ନଏଦ୍ ବାର୍‌ରି ଥାବେଁ ଥାବେଁ
ଫେର୍ ଖୁଲ୍‌ଲା ବୁହା ।୧୯।

ଖଣ୍ଡିଛେ ଯେ ବରାବର୍    ରାଜ୍-ହଂସ୍‌କେ ସରୋବର୍
ଯାନ୍ ଚରେକେ ଗୁଡ଼ାଟେ ।

ଖଞ୍ଜି ରଖିଛେ ଅଠିପର୍   ଡମି ମାଛ୍‌କେ ସମୁଦର୍
ଝାଇଁ ଝୁରିକେ ଡ଼ୁଡ଼ାଠେ ।୨୦।

ଯେ ଯେନ୍ତା ବୁଲି ଖେଲି   ସାରି ଆଏସନ୍ ଠାନ୍‌କେ ଫିରି
ଚୁମ୍ବକ୍ ସେଥିଁ ଲାଗିଛେ ।
ଯାହିଁ ଥିଲେଁ ବି ଆନ୍‌ବା ଠାନ   ସାନ୍‌ବଡ଼୍ କାଛୁ ନାଇଁ ମାନ
ଗୁଡ଼ି କାଏ କେନ ଭାଗିଛେ ।୨୧।

ଜଲନ୍ଧର୍ ଆର୍ ବୃନ୍ଦାବତୀ   ଫିରି ପାଏଲେ ଧହର୍ ଥିତ
ଦୁହେ ଦୁହିଁକୁ ହଁସୁଛନ୍ ।
କେନୁ ଥାଇ କେନ୍‌କେ ଆଏଲେ   କା'ଣା ହଜାଇ କା'ଣା ପାଏଲେ
ଭାବ୍‌ନା-ଭିତରେଁ ଭାସୁଛନ୍ ।୨୨।

... .........

## -୨୦-

ଗଙ୍ଗାଧର୍ ଆର୍ ଜଲନ୍ଧରର୍   ମାର୍‌ଧର୍ ସରେ ନହେ ।
ଅଡ଼େଇ ନୁହନ୍ ଲଡ଼େଇ ଠାନୁ   ବଡ଼େଇ ନାଇଁ ଗୁଡ଼ନ୍ କହେ ।୧।
ବାହାବଲର୍ ବାହାଦୁରି ଥି ବାଃ ବାଃ ନୁରେ ଯେ ପାଏବାକେ
ପଶୁର୍ କବାର୍ ଅସୁର୍ ବେଭାର୍ ସୁର୍-ସଂସାରେଁ ସହେବା କେ ? ।୨।

ଧହ୍‌କେ ଯେ ନହ୍‌କରି   ଇହ୍‌କାଲର୍ ମହଲ୍ ବନାଏ
ପର୍‌କୁତ ଥିଁ ପର୍‌କାଲ୍ ତାର୍   ପର୍‌ମାଦ୍‌ନ ଭନ୍‌ଭନାଏ ।୩।
ଜଡ଼୍ ଶରୀର୍ କେ ଜଡ଼୍‌କରି ଯେ   ବଡ଼୍ କର୍‌ସି ଥିତକେ
ନକେଁ ବଜେଇ ନିଜର୍ ବଜା   ଖିଜେଇ ହେସି କ୍ଷିତିକେ ।୪।

ସଁକ୍ରି ଯାଏସନ୍ ଦେବ୍‌ତାମାନେ ଜଁକ୍ରି ଉଠ୍‌ବାର୍ 'ମୁଁ'କାର୍ ଦେଖି
ତାର୍ ଦେଲା ଧହେଁ ଧମାକ୍‌କେତେ ଧହ୍-ଧଆ-ଦେବ୍‌ହେସି ଦୁଖୀ ।୫।
ଦେହେଥିଁ ଠାନ୍ ଚାହ୍ନି ନ ଧାନ୍ କେତେ ଧର୍‌ବା ଯେ 'ମୁଇଁ ମୁଇଁ'
ହେସି ଅବ୍‌ତାର୍ ମହାଦେବ୍‌ତାର୍   ନିନ୍ଦା କର୍‌ସି ଜୁହିଁ ଜୁହିଁ ।୬।

ଦେହ୍-ଦେବ୍‌ତାର୍ ଦେହେଶୀମାନେ   ତପ୍ ତପ୍‌ସନ୍ ଦେହର୍ ଲାଗି
ମରତ୍ ଭୁଇଁ ନ ଜନମ୍ ନେଇ   ଅମର୍ ବର୍ ମରନ୍ ମାଗି ।୭।
ଦେହ୍‌ଠା ଯାହାର୍ ସର୍ବସ ଆଏ   ଧହ୍‌ଠାନ୍‌କେଁ ଭୋକ୍ ମରେ ନାଇଁ
ଦେହ୍-ଲଲ୍‌ହଆ ଦେହ୍‌ଦେଖିଲେଁ ଉବ୍‌ଡ଼ା ପଡ୍‌ବାର୍ ସରେନାଇଁ ।୮।

ଦେହ୍-ଖଉଁରେ କନ୍ଦ୍ରୁ ଥିସି ଦେହ୍-ଧର୍ମୀର୍ ଧରମ୍ କରମ୍;
ଧରମ୍ ନୁହେ କ କରମ୍ ନୁହେ ନାଇଁଜାନେ ସିନା ପଛା ଭରମ୍ ।୯।
ହେଁନ୍ତା ଝନେ ଜଲନ୍ଧର୍ ଆଏ ଧର୍ତ୍ତିକେ ହଏ ଅଲ୍‌ହନ୍‌ଟେ
ମନ୍ ଅର୍‌ନା ତନ୍ ଅର୍‌ନା ଅଲ୍‌ନା କଲା ଜୀବନ୍‌ଟେ ।୧୦।

ଜଲନ୍ଧରର୍ ଜୀବନ୍-ନଏଦ୍ ସଁପୁର୍ ଧାର୍‌ଟେ ବୁହୁଥିଲା
କଲେଁ କଲେଁ ଶୁଖ୍‌ବାର୍‌କେ କାଲ୍ କେଭୁଁ ଜୁହୁଥିଲା ।୧୧।
ହାତ୍ ଧଏଲା କ ବୃନ୍ଦାବତୀର୍ ସାତ୍ ସମୁଦରର୍ ପାଏନ୍ ଆସି
କେ କଲ୍‌ବା ସେ ଧାର୍‌କେ ଯେଭୁଁ ଧାରେଁ ଗଲା ମିଶି ।୧୨।

ସତୀ ବୃନ୍ଦା ପତ୍ତର୍ ଠାନେ ଥାପି ରଖ୍‌ଲା ପର୍‌ମେଶର୍
ଜୀବନ୍ ଜୁଗ୍‌ଲା ଜୀବନ୍‌ଦାତା ଦେହ୍‌ଟା ସିନା ଜଲନ୍ଧର ।୧୩।
ପର୍ ସ୍ତ୍ରୀ ଶ ନ ମନ୍‌ଦେଇ ସେ ମହାନ୍‌ଧାରୁଁ ବଖ୍‌ରଗଲା;
ପାଟ୍‌ସାଙ୍ଗେଁ ପଟ୍ ବଟି ହଇଥିଲା ପଟ୍ ଆପେଁଆପ୍ ଉଖ୍‌ଲଗଲା ।୧୪।
ବୃନ୍ଦାବତୀ ପତ୍ତର୍ ଠାନୁ ପର୍‌ମେଶର୍‌କେ ଘୁଞ୍ଚେଇ ନେଲା;
ପର୍ମେଶର୍ ନ ପତ୍ତର୍ ରୂପ୍‌କେ ଧିଆନ୍‌ବଲେଁ ଉଁଚେଇ ନେଲା ।୧୫।
ଜଲନ୍ଧର୍ ନ ରହେଲା ଖାଲି ଅସୁର୍ ବଲର୍ ଗଏଣ୍‌ଟେ
ଜୀବନ୍-ନଦୀର୍ ଧାର୍ ଶୁଖ୍‌ଲା ରହେଲା ଗଖା ଖଏଣ୍‌ଟେ ।୧୬।

ଲଡ଼େଇ-ନୁ ତାର୍ ବଢ଼େଇ ଗଲା ଦେବ୍ ଶଙ୍କର ନାଚୁଛେଁ;
ମହାକାଲ୍ ସେ ମହାଦେବ୍ ଆଏଜ୍ ଅସୁର୍ ମରନ୍ ପାଁଚୁଛେ ।୧୭।
ଦେହର୍ ଶେଷ୍‌ଠା ଖାର୍ ଆଏ ଖାଲି ସେ ଖାର୍ ସେ ମାଖ୍‌ସି
ଦେହ୍‌କେ ନେଇ 'ମୁଁ'କାର୍ ଯେତେ ହୁଁକାର୍ କଲେଁ କାଏଁ ରଖ୍‌ସି ?।୧୮।

ଶିବ୍ ନାଚୁଛନ୍ କନ୍ଦ୍ରୁ କନ୍ଦ୍ରୁ ଅସୁର୍ ସଏନ୍ କଧ୍‌ରୁଛନ୍
ଢେଲା ବାନ୍ଧକରି ଲଡୁଥିଲେ ଯାହା ଖଣ୍ଡ୍‌ଖଣ୍ଡ୍ ହଇ ବଦ୍ରୁଛନ୍ ।୧୯।
ଜଲନ୍ଧରର୍ ନଡ଼ର୍ ମନେ ଡ଼ର୍ ପଶିକରି ଘାଁଟୁଛେ;
ଘାଏଲ୍ ବାଘ୍ କାଏଁ ଦେହର୍ ଘା'କେ ଲେହେଁଟି ଫୁଲ୍‌ଟି ଗୁଟୁଛେ ।୨୦।

"ଇ ମହାଦେବ୍ ମହାନ୍ ଆଏ ଲଡ଼େଇ ଭୁଇଁ ନ ନାଚୁଛେଁ
ଘାଏ ହଁସି ବନେ ଘାଏ ଘାଏ ରଗେଁ ରଗେଁ ଫେଁର୍ ପାଚୁଛେ ।୨୧।

ତନ୍‌କେ ଦେଖାଇ ଡ଼ରେଇବାନୁ ନାଚେ ତାଣ୍ଡବ୍ ନାଶଟେ
ମତେ ଆର୍ ନାଇଁ ଡ଼ର୍‌ବାରୁ ତାର୍ ନଜରେଁ ମୁଇଁ ମାଛିଟେ ।୨୨।

କେତେ ଭୁଇଁ ତାର୍ ତର୍ଶୂଲ୍ ଭୁର୍‌ଡି ଭୁର୍‌ଡି ବେଧୁଛେ
ଯାଶୁପର୍‌ଠା ଅସୁର୍ ସଏନ୍‌କୁଁ ପାଶୁ ପାଶୁ ଛେଦୁଛେ ।୨୩।
ଘୁମ୍‌ର ଯାଉଛେ ଡମ୍‌ରୁଠାକ ଆଁ କରୁଛନ୍ ସାଁପ୍‌ମାନେ
ଡସି ନେଉଛନ୍ ଭଲେଁ ପଶି ଝନେ ବ ନୌରଖନ୍ ଜାନେ ।୨୪।
ଗଙ୍ଗାର୍ ଧାରେଁ ଯେ ପଡୁଛେ ଭଙ୍ଗା ହାଡ୍‌ଗୁଡେଁ କପ୍‌ସୁଛେ ।
ଷଣ୍ଡ୍ ବଲଦ୍‌ଠା ଗୁଡ଼େଁ ମୁଡେଁ ଯାହାକେ ପାଉଛେ ହାପ୍‌ସୁଛେ ।୨୫।

ମୋର୍ ବେକେଁ ଫାଶ୍ ପକାଇ କେ ଘାଉଁ ଘାଏକେ ଭଜୁଛେ
ମତେ ଲାଗ୍‌ସି ଜୀବନ୍ ଗଛର୍ ମୁଷ୍କିଲ ତେର୍ ମୋର୍ ଛିଞ୍ଜୁଛେ" ।୨୬।
ରସ୍‌ଲା ବାଗିର୍ ଲଗେ ଢିହ୍ ବସ୍‌ଲା ବାଗିର୍ ଦୁହ ଧର୍
କା'ଣା ହେଲା କାରଣ୍ ନୁରେ ଅକାରଣ୍ ସେ ଜଲନ୍ଧର୍ ।୨୭।

ଉମାର୍ ତେହେଗର୍ ତରୀ ଆନ ଗରଁକଠା ଥି କେ ଫାନ୍ଦ୍‌ଲା
ସଁସାର୍-ସାଗରର୍ ତମିଙ୍ଗି ଲ୍‌ଠାକେ ମନ୍‌ମାନା ଆଏଜ୍ ବାନ୍ଧ୍‌ଲା ।୨୮।
କିଏ ଜାନଥିଲା ସେ କବାରେଁ ମିଲ୍‌ସି ବଳିଁ ଏନ୍ତା ସଙ୍ଗେ;
ପରର୍ ତଜ୍‌କେ ଲୁଟେଇହେଲେଁ ସତେଁ ଗିଆନ୍‌ଗୁରର୍ ହଜେ ।୨୯।

ସୁରୀ କାଟେ "ବୃଥା କଲିଁ ଜୀବନ୍‌ଠାକେ ସୋଜ୍‌ସୋଜ୍
ପୃଥୀର୍ ସାଙ୍ଗୋ ହଇଥିତିଁ ମରେଁ ଆଏଜ୍ ହଇଁ ବୋଝ୍" ।୩୦।
ଏତ୍‌କି ବେଲେଁ ତ୍ରିଶୂଲ୍ ଆସି ଦୁର୍ଗ୍ଲି ହେଲା ଗୁଡି ତାର୍ ।
ଗଏଁଡ଼୍ ସେନ ଗଡେଇ ହେଲା ପ୍ରାନ୍ ପଲାଲା ପର୍ ପାର୍ ।୩୧।

... ........

## -୨୧-

ଦୁଖୁଁ ମୁକ୍‌ତି ପାଏଲା ଜାନ କେତେ ଭୁର୍‌ତି ପୃଥୀ ରାଜା
ସୁନେଲା ପନର୍ ଆନ୍‌ଲା ଠାନ ମୁଡେଁ ଦେଇ ଚୂଡେଁ ହଁସୁଛେ ।
କାଲ୍ ବଏତ୍‌କେ ଖେଦ ଖେଦା ବେଲ୍ ଆଉଛେ ଉଦ ଉଦା
ଅଁଧାର୍ ସଥେଁ ନର୍‌ଦ ନର୍‌ଦା ପଚ୍ଛିମ୍ ପୁର୍‌କେ ପଶୁଛେ ।୧।

ରାତର୍ ଯେତେ ତରାମାନେ ବିଚ୍ଛି ହେଲେନ ସବୁଠାନେ
ନାଇଁ ଜାନକର ଜଗତ୍ ଜନେ ତାହାକେ ବଏଲେ ଖରା ଆଏ
ଦିନର୍ ବେଲେଁ ପୃଥୀ ସାରା ତରୁଁ ଠୁରୁଁ ହବୁ ଭରା
ରାତି ମହର୍ ଯାଏ ମାରା ମହିଁ ଥିଲେଁ ବ ତରା ଆଏ ।୨।

ହଁସି ଫୁଲେଁ ଫୁଲେଁ ଲେସି    ଜଲ୍‌ଦି ଦୁଖ୍ ଉଲ୍‌ଦି ନେସି
ଚରେର୍ ସୁରେଁ ଗୁନ୍‌ଗୁନାସି   ମହାଦେବ୍ ତାର୍ ଗୁନ୍‌କେ ।
ଗଛେଁ ଡ଼ାଲେଁ ପତ୍‌ରେଁ ପତ୍‌ରେଁ   ଉଜାଲ୍ ନଗ୍ଛଇ ବତ୍‌ରେଁ ବତ୍‌ରେଁ
ବୁଝୁଛେ ଖଏଲ୍ ଭିତ୍‌ରେଁ ଭିତ୍‌ରେଁ କେ ଖୁଝେ ତାର୍ ରନ୍‌କେ ।୩।

ଗଏତ୍ ସରେ ବୃନ୍ଦାବତୀର୍    ସପନ୍ ସରେ ନାଇଁ ସଖିର୍
ଯେନ୍ ସୁଖ୍ ସେ ପାଏଲା ପତିର୍ ଭିତର୍ ବାହାର୍ ଘୁମ୍‌ରୁଛେ ।
"ଇ ସୁଖ୍ ତ କେଭେଁ କାହିଁ    ଘାଏକର୍ ଘାଏ ପାଇ ନାଇଁ
ସେ ଥିଲେ ତ ଥିଲିଁ ମୁଇଁ,   ଆଜର୍ ସୁଖ୍‌କେ ସୁମ୍‌ରୁଛେ ।୪।

ହେଉଥିଲା ତ ପତିର୍ ସଙ୍ଗ୍    ଭୁଲିହୁଏ ସେ ଖବର୍ ରଙ୍ଗ୍
ସଙ୍ଗେଁ ସଙ୍ଗ୍ ବି ହୁଏ ଭଙ୍ଗ୍   ପାଏନ୍ ଲେଖେଁ ଯାଏ ଅଁଠି ।
ରସ୍ ବଏଲେଁ ଇ'ଠା ଆଏ    ସେ'ନ ବୁଢ଼ ପାର୍‌ଲେଁ ଘାଏ
କେତେ ଜନମ୍ ମନୁ ନାଇଁଯାଏ କେତେ ଗହେର୍ କେ ପାରେ କଁଠି ।୫।

ମୋର୍ ପତି ତ ଜଲନ୍ଧର୍    ଆଏଜ୍ କେନ୍ତା ଏତେ ସୁନ୍ଦର୍
ତେଜେଁ ହାର୍‌ବେ ସୁରୁଯ୍ ଚନ୍ଦର୍ କେନ୍ କାର୍‌ନୁ ନାଇଁହେବାର୍ ଜାନ
ରହେତା ପରେ ଆଜର୍ ଥିତି    ସରଗ୍ ମତେ ହେତା ଛିତି
ଅନୁଖନୁ ଦେଖୁଥିତିଁ  ଜଗତ୍ ଜିତା ତାକର୍ ରୂପ୍ ଠାନ" ।୬।

ଏତ୍‌କି ଖବ ବୃନ୍ଦାବତୀ    ପତି ଆଡ୍‌କେ ଦେଖ୍‌ଲେ ସଖି
ପତିର୍ ଠାନେ ଜଗତ୍‌ପତି ବସି ମୁଲ୍ ମୁଲ୍ ହଁସୁଛନ୍ ।
ହଁସି ନୁହେ ସେ ହଁସିଆ ନେଇ    ସଖି ହୁଦୁଁ ଆନ୍‌ଲେ ଜାଣି
ସଖି ଥିଲା ଯେନ୍ ଫଲ୍ ଫଲାଇ ଆର୍ ଥିବା ଖଏଲ୍ ଭୁଷୁଛନ୍ ।୭।

ବସ୍ତୁ ଦେଖି ଏନ୍ତା କହେ    ଉଷତ୍ ନାଇଁ ହଇଁ ରହେ ?
କାଠ୍ ହେଲ ବୃନ୍ଦାର୍ ଦେହେ ଆଜର୍ ଉଲ୍‌ଟିଆ କଥା ।
ପର୍ ପୁରୁଷ୍‌କେ ପତି କରି    ସଙ୍ଗ୍ କରଥିଲେଁ ସଖି ନାରୀ
ଜୀଇଁ ରହେବା କା'ଣା ଧରି ସଖିବରତ୍ ହଇଁଗଲେଁ ବୃଥା ।୮।

ସେ କଥାକେ ଖବ ଘାଏ    ସଖି କରୁଛନ୍ ହାଏ ! ହାଏ !
ଜୀବନ୍ କେନ୍ତା ନାଇଁଯାଏ   ବଲି ରୁଷ୍ ରୁଷ୍ କାନ୍ଦୁଛନ୍ ।
ଯେନ୍ ଦେହ୍ ଦେଖିବାର୍ ଲାଗି    ଯୁଗ୍ ଯୁଗ୍ ଯୋଗୀ ରହନ୍ ଜାଗି
ସେ ଦେହ୍‌ର୍ ସେ ହେଲେ ଖଗୀ ହେଠା କେନ ଜାନୁଛନ୍ ।୯।

"ଇ ଜୀବନ୍‌ନେଇ କାହିଁ ଜୀଇଁମି ଇ ମନ୍‌କେ କାହିଁ ଥୁଇମି
ଇ ଦେହ୍‌ର୍ ବୋଝ୍ କେନ୍ତା ବୁହ୍‌ମି ହଇଁଗଲାନ ଅଇଁଠା ।
ବିନ୍‌ପାନିର୍ ମୁଇଁ ହେଲିଁ ଦରିଆ ବିନ୍‌ଗୁନଥିଁ ମାଏହ୍ କୁରିଆ
ବିନ୍‌ଘାସେଁ ଫେର୍ ଶୁଇନ୍ ଚରିଆ ବିନ୍‌ବଏଲ୍‌ତାର୍ ବଏଠା ।"।୧୦।
ବିଷ୍ଣୁର୍ ମୁହଁକେ ସାମ୍‌ନା ସାମ୍‌ନି ନୈଁ ଦେଖିପାରନ୍ ବୃନ୍ଦାରାଣୀ
ଆଡ଼୍ ମୁହେଁ ପୁଛୁ ଆଖିର୍ ପାନି ହେଁକେଇ କହେଲେ "ହରି !
ତୁମେ ଧରମ୍ ରକ୍ଷାକାରୀ ଯୁଗ୍‌ଯୁଗେଁ ପଡ଼୍‌ସି ହରି
ସତୀ ଧରମ୍ ମୋର୍ କାଣାକରି କଲ ଚୁପ୍‌ଚୁପ୍ ଚୁରି ।୧୧।
ସୋର୍ କରୁଛେଁ ଯେହ୍‌ର୍ ବାଗିର୍ ଘୋର୍ ମାୟା ମୋର୍ ଲାଗିର୍
କରି, କପଟ୍ ବେଶ୍ ଯୁଗୀର୍ ଘାଏକେଁ ଧରି ପକାଲ ।
ଶଏ କଥାଥିଁ ଭୁଲ୍‌ବା ସତୀ ବଲିଁ ହେଲ ମିଛର୍ ପତି
ମାକର୍ ହାତେଁ ମୋର୍ ପତିର୍ କଟା ମୁଡ଼୍ ଗଏଁଡ଼୍ ଦେଖାଲ ।୧୨।
ଯାହା ବୁନ୍‌ଲେଁ ତାହା ଫଲ୍‌ସି ଯେନ୍ତା କଲେଁ ସେନ୍ତା ମିଲ୍‌ସି
ସବୁ ମାତ ନିୟମ୍ ବଲ୍‌ସି ସତ୍ ଆଏ ଇଟା ମାନ
ତୁମେ ହନେ ପଥର୍ ବେଶେଁ ବୁଲି ବୁଲ୍‌ବ ଅରେନ୍ ଦେଶେଁ
ଚୁରି ହେବା ଫେର୍ ପର୍ ପୁରୁଷେଁ ତମର୍ ନାରୀ ଜାନ ।୧୩।
ତୁମର୍ ମାୟା ମୁଡ଼୍ ମାକର୍ ଆନି ପକାବେ ପାଶେଁ ତାକର୍
ଯାଜି ହେବା ଜଗତ୍ ଯାକର୍; ସ୍ୱାନ୍‌କପାଲି କହୁଛେ ।
ତାକର୍ ଏକା ସତୀପନ୍ କହେ ନାଇଁ କରନ୍ ହରନ୍
ନାରୀ (ମୁଇଁ) ଜାନେ ନାରୀର୍ ମନ୍, ସେ'ଟା କେନ୍ତା ଦହୁଛେ"।୧୪।
ବିଷ୍ଣୁ ବଏଲେ "ବୃନ୍ଦାରାଣୀ ! ତୁମର୍ ଶାପ୍ ନେଲି ଚୁନି
ସତେଁ ମୁଇଁ ତ ହେସି ହିନ, ଆଏଜ୍ କାଁ କରି ନଟ୍‌ମି;
ଭଲ୍ ହେଉ କି ମନ୍ଦ୍ ହେଉ କପଟ୍ ହେଉ କି ଛନ୍ଦ୍ ହେଉ
ଆର୍ ଭାଏଲ୍ କେନ୍ ଦ୍ୱନ୍ଦ୍ ହେଉ କାଁ ହେଲା ଯେ ଘାଏ ହଟ୍‌ମି ।୧୫।
ତନ୍‌ଧାରୀର୍ ମନ୍‌କାମ୍‌ନା କର୍‌ବାକେ ପୂରା ଭର୍‌ନା
ଦେହ୍ ଧର୍‌ବାର୍ ମୋର୍ ଭାବ୍‌ନା ବିନହାଁ ହେଲୁ ବି ଅଛେ;
ନେମି ହନେ ରାମ୍ ଅବ୍‌ତାର୍ ଇ କଥାର୍ ଥିଲା ଦର୍‌କାର୍
ଦେଇ କଲ ବଡ଼୍ ଉପ୍‌କାର୍ ଯେ ଯାହା ବଲୁ ପଛେ ।୧୬।
ମୁନୁଷ୍ ଦେହ୍‌ର୍ କୁଣ୍ଡା ପିନ୍ଧି ତୁମର୍ ଶାପର୍ ପଏସା ଗନି
ଜଗତ୍-ଯାତ୍ରା ଦେଖି ଆଏମି ଇ କଥା କାଏଁ ନୂଆଁ ଆଏ

ଦେହ୍‌ର୍ ଦୁଖ୍‌କେ ଦୁଖ୍ ବଲି          ଦେହ୍‌ମନା ମାନେ ମରନ୍ ଭଲି
ଦେହ୍‌ଟା ଯାହାକେ ପିନ୍ଧ୍‌ନା ଖାଲି  ଦୁଖ୍ ତାହାକେ ଧୂଆଁ ଆଁଏ ।୧୭।
ତୁମର୍ ପତିବର୍ତା ଆଗ୍ୟର୍          ହଇଥିଲ୍ କେତେ ପର୍ଗ୍ୟର୍
ସତୀର୍ ବୁଦ୍ଧି ଶୁଦ୍ଧି ବଗ୍ୟର୍  ଅସୁର୍ ସଙ୍ଗଁଥି ନଶାଲ୍;
ପତିର୍ ଠାନେ ମତେ ଆନି          ତାର୍ କଁଟେଁ ଘିଚି ଟାନି
ମନ୍-ଦଉଲେଁ ମନର୍ ରାଣୀ ! ବନେ ବର୍‌କସେଁ ବସାଲି ।୧୮।
ଜଲନ୍ଧର୍‌କେ ଗୁଣ୍ଡା କରି          ମତେ ନେଇ ଦେଲ ଭରି
ଭକ୍ତି-ରସର୍ ରଶି ଭରି   ବାନ୍ଧିଛନ୍ଦି ରଖ୍‌ଲି ।
ଭକ୍ତି ଥି ମୁଇଁ ହେସିଁ ସାଏତ୍  ନାଇଁ ରହେ ମୋର୍ ରଁଚେ ଆଏତ୍
ସବୁଥାଇ ହେଲେଁ ଭକ୍ତିର୍ କାଏତ୍ ମତେ ଆର୍ କେନ ଦେଖ୍‌ଲି ।୧୯।
ସେ ଗୁଣ୍ଡା ନେଇ ଆଏଲା ପାଶ୍‌କେ   କାହିଁ କାଟ୍‌ତିଁ ତମର୍ ଆଶ୍‌କେ
ଇସ୍ତ୍ରୀ ହଇ ନିର୍‌ଦୋଷ୍‌କେ ଶଁପି କାଟି ପକାଲି;
ଦୋଷ୍ ଦୁର୍ଗୁନ୍ ମତେ ଦେଇ          ରୋଷ୍‌ରାଗ୍‌ନୁ ପାଏଲି ସାହି
କାଲ୍ ସିନ୍ଦ୍‌କେଁ ଯଶ୍‌କେ ଥୁଇ  ମୁହେଁ ନାଁ ଦେଇ ଲଖାଲି ।୨୦।
ସବୁ ଠାନେ ସବୁ ଦେହେଁ          ଜୁହି ଜୁହି ମୁଇଁ ରହେଁ
ଯେ'ଭି ଯେଭେଁ ଯେନ୍ତା ଚାହେଁ  ସେନ୍ତା ତାହାକେ ମିଲ୍‌ସିଁ;
ଜଲନ୍ଧରର୍ ରୂପେଁ ମତେ          ଖୁଜା ନୁରି କଲି ଯେତେ
ନାଇଁ ଆଏଲେଁ କହେତ କେତେ କାଁ ଢଙ୍ଗେଁ ହେଲେଁ ଟାଲ୍‌ସିଁ"।୨୧।
ବିଷ୍ଣୁର୍ କଥା ଶୁନି ଶୁନି          ବୃନ୍ଦା । ସତୀ-ରାଏଜ୍-ରାଣୀ
ରଖି ନୈପାରି ଆଖିର୍ ପାନି  କହେଲେ "ମୁହଁକେ ଚଲ୍ କରି;
ଦେହ୍ ଦେଇକରି ମନ୍ ଦେଇଛ          ତାହାର୍ ଭିତ୍‌ରେଁ ଯାଇ ରହିଛ
ଜାନି ଜାନିକରି କାଏଁ ଥୁଇଛ ଅମୁହାଁ 'ମୁଇଁ'ଟେ ଭଲ୍‌କରି ।୨୨।
ରାଜ୍‌କରେ ସେ ଦେହ୍-ରାଏଜେଁ          ଦେହ୍‌କେ ନିଏ ନିଜର୍ ସଜେଁ
କରେ କାଁ ହେବ କାଁ କାଯେଁ ଦେହ୍‌କେ ଦୁଖର୍ ଚୁଆଁ ଟେ;
ଦେହ୍-ଘର୍‌କେ ରୋଜ୍ ରୋଜ୍          ଡାକି ଆନ୍‌ସି ସୋଜ୍ ସୋଜ୍
ସୁଖ୍‌କେ କାଟି ଦେସି ଭୋଜ୍ ଦୁଖର୍ ନୂଆଁ କୁନୁଆଁ ଟେ ।୨୩।
କାଁ କରେଁ ଇ ଅଏଁଠା ଦେହ୍   (ଯେ) ଯାଉ ମେଣ୍ଟି 'ମୁଇଁ'ର୍ ଢହ୍
ମୁଠା ମନ୍‌ବି ଯାଉ ଜହିଁ"; ଯୋଗର୍ ଜୁଏ ଜାଲ୍‌ଲେ ।
ଦେହ୍‌ଟା ପୁଡ଼ି ହେଲି ଖାର୍          ଉଜାଲ୍ ଆସେ ବିଷ୍ଣୁର୍ ପାର୍
ମିଶିଲି ଦେହେଁ ତାର୍ ତାର୍;   ବିଷ୍ଣୁ ବନିହାଁ ଗଲ୍‌ଲେ ।୨୪।

. . . . . . . . . . . .